ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.308 Bhubaneswar Tuesday, February 01, 2022 | ୨୪ତମ ବର୍ଷ ସଂଖ୍ୟା-୩୦୮ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୦୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବଜେଟ୍ ପୂର୍ବରୁ ୨୫ ଦଳର ବୈଠକରେ ଉଠିଲା ପେଗାସସ ପ୍ରସଙ୍ଗ



ନୂଆଦିଲ୍ଲୀ ୩୧।୧: ମଙ୍ଗଳବାର ସଂସଦର ଉପସ୍ଥାପିତ ହେବ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ୍। ଏହା ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ହୋଇଥିଲା । ଏଥିରେ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସ୍ପଷ୍ଟ କରିଛନ୍ତି, ବଜେଟ ଅଧିବେଶନର ପ୍ରଥମାର୍ଦ୍ଧରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଏବଂ ବଜେଟ୍ ସମ୍ପର୍କିତ ପ୍ରସଙ୍ଗ ଉପରେ ଚର୍ଚ୍ଚା ହେବ।ସୋମବାର ହୋଇଥିବା ସର୍ବଦଳୀୟ ବୈଠକ ସମୟରେ ଅଧିକାଂଶ ଦଳ ପେଗାସସ ଗୁଇନ୍ଦାଗିରି ପ୍ରସଙ୍ଗ ଉଠାଇଥିଲେ। ଏଥିରୁ ସ୍ପଷ୍ଟ ହୋଇଛି, ସଂସଦରେ ଏହା ଉପରେ ଜୋରଦାର ହଙ୍ଗାମା ହୋଇପାରେ । ଅନ୍ୟପଟେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟି ମାମଲାର ତଦନ୍ତ କରୁଛି ଏବଂ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ବଜେଟ୍ ସହ ଜଡ଼ିତ ପ୍ରସଙ୍ଗ ଉଠାଇବାକୁ ବୈଠକରେ ସ୍ପଷ୍ଟ କରାଯାଇଛି।

## ଆବାସ ଯୋଜନା ନେଇ କେନ୍ଦ୍ରମନ୍ତ୍ରୀ ଫଂଚାୟତିରାଜ ମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, ୩୧।୧(ପି.ଏନ): ଆବାସ ଯୋଜନା ନେଇ କେନ୍ଦ୍ରକୁ ଚିଠି ଲେଖିଛି ରାଜ୍ୟ। ପୁଣି କେନ୍ଦ୍ରର ଅବହେଳା ଅଭିଯୋଗ। ଆବାସ ଯୋଜନାରେ ରାଜ୍ୟକୁ ବାରମ୍ବାର କେନ୍ଦ୍ରର ଅବହେଳା ନେଇ ରାଜ୍ୟ ଫଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ଫଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂଙ୍କୁ ଚିଠି ଲେଖିଛନ୍ତି। ମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡିଶାର ଲକ୍ଷାଧିକ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବାରୁ ବଂଚିତ ହେଉଛନ୍ତି । ଓଡିଶାରେ ବଳକା ୬ ଲକ୍ଷ ୬୫ ହଜାର ପରିବାରର ତଥ୍ୟ ପୋର୍ଟାଲେ ସାମିଲ ହୋଇନାହିଁ । ଫନିରେ ପ୍ରଭାବିତ ୧ ଲକ୍ଷ ୮୪ ହଜାର ଘର ଦେବାକୁ ପ୍ରତିଶୃତି ଦେଇଥିଲେ ବି ତାହା ପୂରଣ ହୋଇନି ।

## ଫେବୃଆରୀ ମାସ ପାଇଁ ଗାଇଡ୍ ଲାଇନ୍

### - ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜାକୁ ଅନୁମତି, ୧୦୦% କର୍ମଚାରୀରେ ଚାଲିବ ଅଫିସ୍
### - ମାଘ ସପ୍ତମୀ, ପୂର୍ଣ୍ଣିମାରେ ଜଳାଶୟରେ ଶ୍ରଦ୍ଧାଳୁଙ୍କ ସମାଗମକୁ ବାରଣ

ଭୁବନେଶ୍ୱର, ୩୧।୧(ପି.ଏନ): ଫେବୃଆରୀ ମାସ ଲାଗି ରାଜ୍ୟ ସରକାର ନୂଆ ଗାଇଡଲାଇନ୍ ଜାରି କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜାରି ନୂଆ ଗାଇଡଲାଇନ୍ ଅନୁଯାୟୀ ଏଥର ମଧ୍ୟ ରାଜ୍ୟର ସମସ୍ତ ସହରାଂଚଳରେ ରାତି ୧୦ଟାରୁ ପରଦିନ ସକାଳ ୫ଟା ଯାଏଁ ନାଇଟ୍ କର୍ଫ୍ୟୁ ଜାରି ରହିବ। ସମସ୍ତ ସରକାରୀ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ, ସ୍ୱୟଂଶାସିତ ଅନୁଷ୍ଠାନ କୋଭିଡ୍ କଟକଣା ମଧ୍ୟରେ ୧୦୦ ପ୍ରତିଶତ କର୍ମଚାରୀଙ୍କ ଉପସ୍ଥାନରେ ଚାଲିବ।ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜାକୁ ଅନୁମତି ଦିଆଯାଇଛି। ମାଘ ସପ୍ତମୀ ଓ ମାଘ ପୂର୍ଣ୍ଣିମାରେ ସମୁଦ୍ର, ନଦୀ, ପୋଖରୀ କିମ୍ବା ଅନ୍ୟ ଜଳାଶୟରେ ଶ୍ରଦ୍ଧାଳୁଙ୍କ ସମାଗମକୁ ବାରଣ କରାଯାଇଛି।ଶ୍ରଦ୍ଧାଳୁମାନେ ଏସବୁ ଜଳସ୍ରୋତରେ ବୁଡ଼ ପକାଇ ପାରିବେ ନାହିଁ। ଏସଆରସି କହିଛନ୍ତି ଅଳ୍ପସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ସରସ୍ୱତୀ ପୂଜା କରାଯାଇ ପାରିବ। ତେବେ ସ୍କୁଲ ଓ ଶିକ୍ଷାନୁଷ୍ଠାନ ଛଡ଼ା ଅନ୍ୟତ୍ର ସରସ୍ୱତୀ ପୂଜାକୁ ବାରଣ କରାଯାଇଛି। କୋଭିଡ କଟକଣା ମଧ୍ୟରେ ଘରେ ପରିବାରର ସଦସ୍ୟଙ୍କ ସହ ପୂଜା ପାଳିବାକୁ ଜନସାଧାରଣଙ୍କୁ ଅନୁରୋଧ ଘରେ ରହି ପରିବାର ସହ ସରସ୍ୱତୀ ପୂଜା ପାଳନ ପାଇଁ ପରାମର୍ଶ ଦିଆଯାଇଛି। ପୂଜା ଅବସରରେ ହେଉଥିବା ଭୋଜିକୁ ଅନୁମତି ନାହିଁ।ଅତ୍ୟାବଶ୍ୟକୀୟ ସାମଗ୍ରୀର ହୋମ ଡେଲିଭରିକୁ ଅନୁମତି। ଜମାଟୋ ଓ ସ୍ୱିଗି ଆଦି ସଂସ୍ଥା ରେଷ୍ଟୋରାଁରୁ ଖାଦ୍ୟ ପହଂଚାଇ ପାରିବେ। ଓମଫେଡ୍, ଓପୋଲୋଫେଡ୍ ଓ ଚିଲିକା ଫ୍ରେସ୍ ଆଉଟଲେଟ୍ ରାତ୍ରିକାଳୀନ କର୍ଫ୍ୟୁ ବେଳେ ଖୋଲା ରହିପାରିବ। ସକାଳ ୫ଟାରୁ ରାତି ୧୦ ଟାଏ ସମସ୍ତ ପ୍ରକାର ଦୋକାନ, ମଲ୍, ସପିଂ କମ୍ପ୍ଲେକ୍ସ, ବଜାର, ହାଟ, ସିନେମା ହଲ୍, ସୁଇମିଂ ପୁଲ୍, ମନୋରଞ୍ଜନ କମ୍ପ୍ଲେକ୍ସ, ଥିଏଟର୍ ଓ ସମ୍ମିଳନୀ କକ୍ଷ ଖୋଲା ରହିପାରିବ।

## ଗୋଟିଏ ଦିନରେ ୩୩୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୧।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୩୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୪୯୨୪୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୫୦୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୯୩ ହଜାର ୩୬୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୭୨୧୦ ରହିଛି ।ଆଜି ଚିହ୍ନଟ ହୋଇଥିବା ୩୩୨୯ ଜଣଙ୍କ ମଧ୍ୟରୁ ୧୯୩୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୯୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୬୪୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୮୫ , ବାଲେଶ୍ୱର ଜିଲ୍ଲାରୁ ୧୪୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪୯ , କଟକରୁ ୨୯୩ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୪, ଗଂଜାମ ଜିଲ୍ଲାରେ ୪୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୦, ଯାଜପୁରରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୭୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୦୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪୩ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୨୧ , ଖୋର୍ଦ୍ଧାରୁ ୬୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୫୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୯୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୨୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୨୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୫୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୬୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୨୩୭, ଷ୍ଟେଟ୍ ପୁଲରୁ ୧୩୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୧୦୦ କୋଟି ଠକେଇ ଅଭିଯୋଗରେ ଦିଆ ଡାଏରୀ ଏଗ୍ରୋ ପ୍ରୋସେସର ପ୍ରାଇଭେଟ ଲିମିଟେଡ୍ର ଏମଡି ଗିରଫ

ଭୁବନେଶ୍ୱର, ୩୧।୧(ପି.ଏନ): ୧୦୦ କୋଟିରୁ ଉର୍ଦ୍ଧ୍ୱ ଠକେଇ ଅଭିଯୋଗରେ ଦିଆ ଡାଏରୀ ଏଗ୍ରୋ ପ୍ରୋସେସର ପ୍ରାଇଭେଟ ଲିମିଟେଡ୍ର ଏମଡି ଅମ୍ରିତା କିଣ୍ଡୋଙ୍କୁ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଗିରଫ କରିଛି। ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲିମିଟେଡର ଅଭିଯୋଗ ଅନୁସାରେ ଭୁବନେଶ୍ୱରରୁ ଅମ୍ରିତାଙ୍କୁ ଗିରଫ କରାଯାଇଛି।ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲିମିଟେଡର ଅଭିଯୋଗ ମୁତାବକ, ସମ୍ବନ୍ଧ ଫାଇନାନ୍ସ ପ୍ରାଇଭେଟ ଲିମିଟେଡର ଏମଡି ତଥା ଅମ୍ରିତାଙ୍କ ସ୍ୱାମୀ ଦୀପକ କିଣ୍ଡୋ ଜାଲ କାଗଜପତ୍ର ଦେଖାଇ ୫କୋଟି ଟଙ୍କା ଋଣ ଆଣିଥିଲେ, ଯାହାକୁ ସେ ପରେ ଫେରାଇ ନଥିଲେ। ତେବେ କେବଳ ଅନ୍ନପୂର୍ଣ୍ଣା ଫାଇନାନ୍ସ ନୁହେଁ ସମ୍ବନ୍ଧ ଫାଇନାନ୍ସ; ଡିସିବି ବ୍ୟାଙ୍କ, ଏସଆଇଡିବିଆଇ, ବିଓପିଏ ପିଟିଇ ଲିମିଟେଡ ଏବଂ ଡିଆଇଏ ବିକାଶ କ୍ୟାପିଟାଲ ପ୍ରାଇଭେଟ ଲିମିଟେଡ୍ ଠାରୁ ପ୍ରାୟ ୧୦୦କୋଟି ଟଙ୍କା ଠକିଥିବା ଇଓଡବ୍ଲ୍ୟୁ କରିଥିବା ତଦନ୍ତରୁ ଜଣାପଡ଼ିଛି। କୋଟି କୋଟି ଟଙ୍କା ଠକିବା ପରେ ଦୀପକ ପ୍ରାୟ ୨୨.୭୨ କୋଟି ଟଙ୍କା ଦିଆ ଡାଏରୀ ଏଗ୍ରୋ ପ୍ରୋସେସର ପ୍ରାଇଭେଟ ଲିମିଟେଡ୍ର ଆକାଉଂଟକୁ ପଠାଇଥିବା ମଧ୍ୟ ସାମ୍ନାକୁ ଆସିଛି।

## ପୁଣି ଫେରିପାରେ ସଂକ୍ରମଣ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୩୧।୧(ପି.ଏନ): ଏବେ ରାଜ୍ୟରେ କରୋନା ସ୍ଥିତିରେ ସୁଧାର ଆସୁଛି । ଦୈନିକ ସଂକ୍ରମଣ ସଂଖ୍ୟା ବି କମୁଛି । ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ବି କମୁଛି। ଧିରେ ଧିରେ କରୋନା ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି। ମାତ୍ର ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଓମିକ୍ରନର ସଂକ୍ରମଣ କ୍ଷମତା ଡେଲଟାଠୁ ବହୁତ ଅଧିକ। ତେଣୁ କେତେବେଳେ ବି ଏହା ପୁଣି ଫେରିପାରେ। ତେଣୁ ଆମକୁ ସତର୍କ ରହିବାକୁ ପଡିବ। ବର୍ତମାନ ଯାହା କଟକଣା ରହିଛି ତାହା ଲୋକଙ୍କ ଜୀବନ ଜୀବିକା ଉପରେ ସାମାନ୍ୟତମ ପ୍ରଭାବ ପକାଉନି। ସେଥିପାଇଁ ସଂକ୍ରମଣର ଗ୍ରାଫ୍ ସମ୍ପୁର୍ଣ୍ଣ ତଳେ ନ ପହଂଚିବା ପର୍ଯ୍ୟନ୍ତ ଆମକୁ ସତର୍କ ରହିବାକୁ ହେବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ଅପରପକ୍ଷରେ କୋଭିଡ ମୃତ୍ୟୁ ବଢ଼ିବା ନେଇ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, କରୋନାର ଲହର ଶୀର୍ଷରେ ପହଂଚିବା ପରେ ମୃତ୍ୟୁ ସଂଖ୍ୟା ଟିକିଏ ବଢେ। ଜାନୁଆରୀ ମାସରେ ୨ ଲକ୍ଷରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିଲେ ତାହା ତୁଳନାରେ ଆମର ମୃତ୍ୟୁ ବହୁତ କମ ରହିଛି।

## ପୌର ନିର୍ବାଚନ : ୧୦୭ଟି ମ୍ୟୁନିସିପାଲିଟି ଓ ଏନ୍ଏସି ଅଧକ୍ଷ ପଦ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୩୧।୧(ପି.ଏନ): ପୌର ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ରାଜ୍ୟର ୧୦୭ଟି ମ୍ୟୁନିସିପାଲିଟି ଓ ଏନ୍ଏସି ଅଧକ୍ଷ ପଦ ପାଇଁ ସୋମବାର ପ୍ରକାଶ ପାଇଛି ଚୂଡ଼ାନ୍ତ ସଂରକ୍ଷଣ ତାଲିକା। ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ତାଲିକା ପ୍ରକାଶ କରାଯାଇଛି। ୧୦୭ଟି ମ୍ୟୁନିସିପାଲିଟି ଓ ଏନ୍ଏସି ଅଧକ୍ଷ ପଦ ମଧ୍ୟରୁ ଅନୁସୂଚିତ ଜାତି ପାଇଁ ୮ଟି ସଂରକ୍ଷିତ ରଖାଯାଇଥିବା ବେଳେ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୯ଟି, ଅନୁସୂଚିତ ଜନଜାତିଙ୍କ ପାଇଁ ୩ଟି ଓ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୫ଟି ଆସନ ସଂରକ୍ଷିତ କରାଯାଇଛି। ସେହିପରି ମହିଳାଙ୍କ ପାଇଁ ୪୦ଟି ଅଧକ୍ଷ ପଦ ସଂରକ୍ଷିତ ରଖାଯାଇଥିବା ବେଳେ ୪୨ଟି ଅଧକ୍ଷ ପଦ ଅଣସଂରକ୍ଷିତ ରହିଛି।ଜି.ଉଦୟଗିରି (ଏନ୍ଏସି), କାଶୀନଗର (ଏନ୍ଏସି), କରଞ୍ଜିଆ (ଏନ୍ଏସି), ଗୁଣୁପୁର (ମ୍ୟୁନିସିପାଲିଟି), ଖରିଆର ରୋଡ୍ (ଏନ୍ଏସି), ବାସୁଦେବପୁର (ମ୍ୟୁନିସିପାଲିଟି), ଛତ୍ରପୁର (ଏନ୍ଏସି), ରମ୍ଭା (ଏନ୍ଏସି), ସୁନ୍ଦରଗଡ଼ (ମ୍ୟୁନିସିପାଲିଟି), ଉଦଳା (ଏନ୍ଏସି), ଚିକିଟି (ଏନ୍ଏସି), ବାଲେଶ୍ୱର (ମ୍ୟୁନିସିପାଲିଟି), ଟିଟିଲାଗଡ଼ (ମ୍ୟୁନିସିପାଲିଟି), ଜଗତସିଂହପୁର (ମ୍ୟୁନିସିପାଲିଟି), ଭଦ୍ରକ (ମ୍ୟୁନିସିପାଲିଟି), ଯାଜପୁର (ମ୍ୟୁନିସିପାଲିଟି), ଧର୍ମଗଡ଼ (ଏନ୍ଏସି), ବରଗଡ଼ (ମ୍ୟୁନିସିପାଲିଟି), ପୁରୁଷୋତ୍ତମପୁର (ଏନ୍ଏସି), ନିମାପଡ଼ା (ଏନ୍ଏସି), ଭବାନୀପାଟଣା (ମ୍ୟୁନିସିପାଲିଟି), ବଲାଙ୍ଗିର (ମ୍ୟୁନିସିପାଲିଟି), କେନ୍ଦ୍ରାପଡ଼ା (ମ୍ୟୁନିସିପାଲିଟି), ସୋନପୁର (ମ୍ୟୁନିସିପାଲିଟି), କୋଣାର୍କ (ଏନ୍ଏସି), ଆଠଗଡ଼ (ଏନ୍ଏସି), ଦେବଗଡ଼ (ମ୍ୟୁନିସିପାଲିଟି), ରଣପୁର (ଏନ୍ଏସି), ନୟାଗଡ଼ (ମ୍ୟୁନିସିପାଲିଟି), ଗଞ୍ଜାମ (ଏନ୍ଏସି), ଢେଙ୍କାନାଳ (ମ୍ୟୁନିସିପାଲିଟି), ଫୁଲବାଣୀ (ମ୍ୟୁନିସିପାଲିଟି), ଖୋର୍ଦ୍ଧା (ମ୍ୟୁନିସିପାଲିଟି), ବାଲୁଗାଁ (ଏନ୍ଏସି), ପୁରୀ (ମ୍ୟୁନିସିପାଲିଟି), କେନ୍ଦୁଝରଗଡ଼ (ମ୍ୟୁନିସିପାଲିଟି), ଖଣ୍ଡପଡ଼ା (ଏନ୍ଏସି), ଚୌଦ୍ୱାର (ମ୍ୟୁନିସିପାଲିଟି), ଆଠମଲ୍ଲିକ (ଏନ୍ଏସି), ବାଙ୍କୀ (ଏନ୍ଏନ୍ସି) ଆସନ ଅଧକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି ।ଚାନ୍ଦବାଲି (ଏନ୍ଏସି), ବିଜେପୁର (ଏନ୍ଏସି), ରେମୁଣା (ଏନ୍ଏସି), ଦଶପଲ୍ଲା (ଏନ୍ଏସି), ପାରଳାଖେମୁଣ୍ଡି (ମ୍ୟୁନିସିପାଲିଟି), ପଦ୍ମପୁର (ଏନ୍ଏସି), ନୀଳଗିରି (ଏନ୍ଏସି), ତରଭା (ଏନ୍ଏସି), ପୋଲସରା (ଏନ୍ଏସି) ଅଧକ୍ଷ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ସେହିପରି ବ୍ରଜରାଜନଗର (ମ୍ୟୁନିସିପାଲିଟି), ଉମରକୋଟ (ମ୍ୟୁନିସିପାଲିଟି), ଗୁଡ଼ାରୀ (ଏନ୍ଏସି), ଆନନ୍ଦପୁର (ମ୍ୟୁନିସିପାଲିଟି), ବ୍ୟାସନଗର (ମ୍ୟୁନିସିପାଲିଟି)ଅଧକ୍ଷ ପଦବୀ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କୋରାପୁଟ (ମ୍ୟୁନିସିପାଲିଟି), କବିସୂର୍ଯ୍ୟନଗର (ଏନ୍ଏସି), ସୋର (ମ୍ୟୁନିସିପାଲିଟି), ଖଲ୍ଲିକୋଟ (ଏନ୍ଏସି), ଝାରସୁଗୁଡ଼ା (ମ୍ୟୁନିସିପାଲିଟି), ବେଲଗୁଣ୍ଠ (ଏନ୍ଏସି), ଜଟଣୀ (ମ୍ୟୁନିସିପାଲିଟି), ନବରଙ୍ଗପୁର (ମ୍ୟୁନିସିପାଲିଟି)ଅଧକ୍ଷ ପଦବୀ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ।ବାଲିଗୁଡ଼ା (ଏନ୍ଏସି), ପାଟଣାଗଡ଼ (ଏନ୍ଏସି), ବିନିକା (ଏନ୍ଏସି)ଅଧକ୍ଷ ପଦବୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ଅପରପକ୍ଷରେ କୋଟପାଡ଼ (ଏନ୍ଏସି), ରାଇରଙ୍ଗପୁର (ମ୍ୟୁନିସିପାଲିଟି), କୁନାଗଡ଼ (ଏନ୍ଏସି), ଗୋପାଳପୁର (ଏନ୍ଏସି), ଜୟପୁର (ମ୍ୟୁନିସିପାଲିଟି), କୁଚିଣ୍ଡା (ଏନ୍ଏସି), ନୂଆପଡ଼ା (ଏନ୍ଏସି), ଭଞ୍ଜନଗର (ଏନ୍ଏସି), ବଡ଼ବିଲ (ମ୍ୟୁନିସିପାଲିଟି), ବାଣପୁର (ଏନ୍ଏସି), ବୀରମିତ୍ରପୁର (ମ୍ୟୁନିସିପାଲିଟି), ସୋରଡ଼ା (ଏନ୍ଏସି), ରାୟଗଡ଼ା (ମ୍ୟୁନିସିପାଲିଟି), ଦିଗପହଣ୍ଡି (ଏନ୍ଏସି), ଖରିଆର (ଏନ୍ଏସି), ବରପଲ୍ଲୀ (ଏନ୍ଏସି), ପଟ୍ଟାମୁଣ୍ଡାଇ (ମ୍ୟୁନିସିପାଲିଟି), ଜଳେଶ୍ୱର (ମ୍ୟୁନିସିପାଲିଟି), ଧର୍ମଗଡ଼ (ଏନ୍ଏସି), ବାଲିମେଳା (ଏନ୍ଏସି), ରାଜଗାଙ୍ଗପୁର (ମ୍ୟୁନିସିପାଲିଟି), ଆସ୍କା (ଏନ୍ଏସି), କେସିଙ୍ଗା (ଏନ୍ଏସି), ବୁଗୁଡ଼ା (ଏନ୍ଏସି), ପିପିଲି (ଏନ୍ଏସି), ହିଞ୍ଜିଳିକାଟୁ (ମ୍ୟୁନିସିପାଲିଟି), ଯୋଡ଼ା (ମ୍ୟୁନିସିପାଲିଟି), ବୌଦ୍ଧଗଡ଼ (ଏନ୍ଏସି), ତୁଷୁରା (ଏନ୍ଏସି), କଂଟାବାଞ୍ଜି (ଏନ୍ଏସି), ରେଢ଼ାଖୋଲ (ଏନ୍ଏସି), ସୁନାବେଡ଼ା (ମ୍ୟୁନିସିପାଲିଟି), ବାରିପଦା (ମ୍ୟୁନିସିପାଲିଟି), କୋଦଳା (ଏନ୍ଏସି), ଭୁବନ (ଏନ୍ଏସି), ବେଲପାହାଡ଼ (ଏନ୍ଏସି), କାମାକ୍ଷାନଗର (ଏନ୍ଏସି), ଚମ୍ପୁଆ (ଏନ୍ଏସି), ମାଲକାନଗିରି (ମ୍ୟୁନିସିପାଲିଟି), ତାଳଚେର (ମ୍ୟୁନିସିପାଲିଟି), ଅନୁଗୋଳ (ମ୍ୟୁନିସିପାଲିଟି), ପାରାଦୀପ (ମ୍ୟୁନିସିପାଲିଟି) ଆସନ ଅସଂରକ୍ଷିତ ଅଛି।

## 'ଲୋକଙ୍କ ସେବା ମୂଳ ଲକ୍ଷ୍ୟ, ପରିବାର ପଛକୁ ଥାଉ': ସରପଞ୍ଚ ପଦବୀ ପାଇଁ ଲଢୁଛନ୍ତି ତିନି ଯାଆ, ଉତ୍ସାହିତ ଭୋଟର



ଆନନ୍ଦପୁର ୩୧।୧(ପି.ଏନ): ପଞ୍ଚାୟତ ନିର୍ବାଚନକୁ ନେଇ ଗାଁ ଗହଳି ଏବେ ଚଳଚଞ୍ଚଳ । ବିଭିନ୍ନ ପଦପଦବୀ ପାଇଁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି ପ୍ରାର୍ଥୀ । ତେବେ ଅନେକ ସ୍ଥାନରେ ନିଜ ନିଜ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳୁଛି । କେଉଁଠାରେ ଦାଦା-ପୁତୁରା ଲଢେଇ ତ କେଉଁଠାରେ ପୁଅ, ବାପ ବିରୁଦ୍ଧରେ ହୋଇଛି ପ୍ରାର୍ଥୀ । ଏହାରି ମଧ୍ୟରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଡଅଁର ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ତିନି ଯାଆଙ୍କ ମଧ୍ୟରେ ଚାଲିଛି ଘମାଘୋଟ ଲଢେଇ । ହାଟଡିହି ବ୍ଲକ ଡଅଁର, ସରଳା, ତୃଷାଖଣ୍ଡ ତିନୋଟି ରାଜସ୍ୱ ଗାଁ ର ମୋଟ ୧୧ଟି ଓ୍ୱାର୍ଡକୁ ନେଇ ଡଅଁର ଗ୍ରାମପଞ୍ଚାୟତ । ଚଳିତ ପଞ୍ଚାୟତ ନିର୍ବାଚନକୁ ନେଇ ଗାଁ ଦାଣ୍ଡ ପୁରା ଚଳଚଞ୍ଚଳ । ପ୍ରାର୍ଥୀ ଆସୁଛନ୍ତି ଭୋଟରଙ୍କ ଘରଘର ବୁଲି ନିଜ ସପକ୍ଷରେ ମତଦାନ କରିବାକୁ ଭୋଟରଙ୍କୁ ମନାଉଛନ୍ତି । ତେବେ ଏଠାରେ ଏଥର ସରପଞ୍ଚ ପଦବୀ ପାଇଁ ସାଧାରଣ ବର୍ଗ ମହିଳା ପ୍ରାର୍ଥୀ ପାଇଁ ସଂରକ୍ଷିତ ଥିବାବେଳେ ଗୋଟିଏ ପରିବାରର ତିନି ଯାଆ ସରପଞ୍ଚ ପଦବୀ ପାଇଁ ନିଜନିଜ ବୀରୁଦ୍ଧରେ ନିର୍ବାଚନ ଲଢୁଛନ୍ତି । ଡଅଁର ଗାଁ ର ସ୍ୱର୍ଗତ କୃଷ୍ଣଚନ୍ଦ୍ର ଜେନାଙ୍କ ତିନି ବୋହୂ ଆରତୀ ଜେନା, ପ୍ରିୟଙ୍କା ଜେନା ଓ ସୌଦାମିନୀ ଜେନା ସରପଞ୍ଚ ପଦବୀ ପାଇଁ ପରସ୍ପର ମଧ୍ୟରେ ପ୍ରାର୍ଥୀନୀ ହେବା ସ୍ଥାନୀୟ ଅଞ୍ଚଳରେ ରୋଚକ ସ୍ଥିତି ସୃଷ୍ଟି କରିଛି ।ସ୍ଥାନୀୟ ଅଞ୍ଚଳରେ ଗୋଟିଏ ପରିବାରରୁ ପ୍ରତିଦ୍ୱନ୍ଦିତା କରୁଥିବା ଏହି ତିନି ଯାଆଙ୍କୁ ନେଇ ଏବେ ସବୁଆଡେ ଚର୍ଚ୍ଚା । ଆରତୀ ଓ ପ୍ରିୟଙ୍କା ଘର ଘର ବୁଲି ନିଜ ସପକ୍ଷରେ ପ୍ରଚାର କରୁଛନ୍ତି । କିନ୍ତୁ ବଡ ଯାଆ ସୌଦାମିନୀ ଜେନା ପ୍ରଚାର ମୌଦାନରେ ଟିକେ ପଛରେ ପଡିଯାଇଥିବା ମନେ ହେଉଛି । ସେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚାର ଆରମ୍ଭ କରିନଥିବା ବେଳେ କେଉଁଠାରେ ବି ପୋଷ୍ଟ କି ବ୍ୟାନର ଦେଖିବାକୁ ମିଳୁନାହିଁ । ସେପଟେ ଏଠାକାର ଭୋଟର ମଧ ତିନି ଯାଆଙ୍କ ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ବେସ୍ ଉତ୍ସାହିତ ଅଛନ୍ତି ।

## ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମି ବିକ୍ରି ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଲା ବିଜେପି

ଭୁବନେଶ୍ୱର, ୩୧।୧(ପି.ଏନ): ଓଡିଶାର ମୂଲ୍ୟବାନ ସଂପତି, ସଂପଦ, ପ୍ରାକୃତିକ ସଂପଦାକୁ ଶାସକ ବିଜେଡିର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଲୁଚି ଲୁଚି ହରିଲୁଟ୍ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡିକ ଆଜି ଖୋଲାଖୋଲି ଭାବେ ଭଗବାନଙ୍କ ସଂପତିକୁ ହରିଲୁଟ୍ କରିବାକୁ ପଛାଉନାହାନ୍ତି । ଏହା ସିଧାସଳଖ ଓଡିଶାବାସୀଙ୍କ ସହ ବିଶ୍ୱାସଘାତକତା ଏବଂ ଆତ୍ମା ଉପରେ କୁଠାରାଘାତ ବୋଲି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମି ବିକ୍ରି ପ୍ରସଙ୍ଗରେ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।ଦେବୋତର ଆଇନ ଅନୁଯାୟୀ ଦେବଦେବୀ ହେଉଛନ୍ତି ଆଜନ୍ମ ବାଳକ । ସେଥିପାଇଁ ତାଙ୍କ ସଂପତିର ସୁରକ୍ଷା ପାଇଁ ଟ୍ରଷ୍ଟବୋର୍ଡ ଗଠନ ହୋଇଛି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ପାଖରେ ବସି ରାଜ୍ୟ ଶାସନ ବ୍ୟବସ୍ଥାକୁ ତୃତୀୟ ମହାଲାରେ ବସି ନିୟନ୍ତ୍ରଣ କରୁଥିବା କଳାପାହାଡମାନେ ଜମିମାଫିଆଙ୍କ ଏଜେଂଟ ସାଜି ଶାଗମାଛ ଦରରେ ଜମି ଓ ସଂପତିକୁ ବିକ୍ରି କରୁଛନ୍ତି। ଏହି ଷଡଯନ୍ତ୍ରରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ, ଦେବୋତର ବିଭାଗ, ସାଧାରଣ ପ୍ରଶାସନ, ବିଡିଏ, ମନ୍ତ୍ରୀ, ଯନ୍ତ୍ରୀ ସମସ୍ତେ ସଂପୃକ୍ତ ଅଛନ୍ତି । ନବୀନ ନିବାସ ପଛ ପାର୍ଶ୍ୱରେ ଥିବା ଲିଙ୍ଗରାଜଙ୍କ ଜମିକୁ ଶାଗମାଛ ଦରରେ ବିକ୍ରି କରାଗଲା । ଅସରାଏ ବର୍ଷା ହେଲେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ମାଷ୍ଟର ପ୍ଲାନକୁ ବ୍ୟତିକ୍ରମ କରାଯାଇ ଯେଉଁ ଜମି ସବୁ ବିକ୍ରି ହୋଇପାରିବ ନାହିଁ, ସେହି ସବୁ ଜମି ବିକ୍ରି କରାଯାଇଛି ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ପ୍ରଭାକରନଙ୍କ ଜମିକୁ ମାତ୍ର ୯ ଦିନ ଭିତରେ ମ୍ୟୁଟେସନ କରାଯାଇଛି। ସେହିପରି ମାତ୍ର ୫୦୦ ଡିସିମିଲ ଜମିରେ ଥିବା ନବୀନ ନିବାସ ଆଜି ଧିରେ ଧିରେ ପ୍ରଭୁ ଶ୍ରୀ ଲିଙ୍ଗରାଜ ଜମିକୁ ମାଡି ବସି ଦେଢ ଏକର ପର୍ଯ୍ୟନ୍ତ ବିସ୍ତାର ହୋଇସାରିଲାଣି। ଏହା ପଛରେ କେଉଁ କେଉଁମାନେ ସଂଶ୍ଳିଷ୍ଟ ଅଛନ୍ତି ଏବଂ ମ୍ୟୁଟେସନ କରି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମିର କିସମକୁ ବଦଳାଇ ଦଲାଲଙ୍କ ହାତକୁ ଟେକି ଦେଉଛନ୍ତି ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମିକୁ ଷଡଯନ୍ତ୍ର କରି ବେଆଇନ ଭାବେ ପ୍ରଭାବଶାଳୀ ଖଣି ସ୍ୱତାଧିକାରୀ ପ୍ରଭାକରନଙ୍କୁ ବିକ୍ରି କରାଯାଇଛି। ଏହି ଜମି ପ୍ରଥମେ ହୃଶିକେଶ ଦାସ ନାମକ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା ଏବଂ ଗତ ୨୦୨୧ ମସିହା ନଭେମ୍ବର ୫ ତାରିଖ ଦିନ ପ୍ରଭାକରନଙ୍କ ସ୍ତ୍ରୀ ପୃଥୀକା ପ୍ରଭାକରନଙ୍କ ନାମରେ ଟ୍ରାନ୍ସଫର କରାଯାଇଛି । ସେଲ୍ ଡିଡ୍ ରେ ମିଥ୍ୟା ତଥ୍ୟ ଦିଆଯାଇ ଏହି ଜମି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନୁହେଁ ବୋଲି ଦଲିଲ୍ ପ୍ରସ୍ତୁତ କରାଯାଇଛି । ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ହୋଇଥିବା ଏହି ଜମି ଘୋଟାଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିଯିବ ବୋଲି ସ୍ଥାନୀୟ ତହସିଲଦାର ଆଶଙ୍କା ପ୍ରକାଶ କରିଛନ୍ତି। ଯାହା ଆମ ସମସ୍ତଙ୍କୁ ଚକିତ କରିଛି ବୋଲି ଡ.ଲେଖାଶ୍ରୀ କହିଛନ୍ତି ।ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସଂସ୍କୃତି ମନ୍ତ୍ରୀ ନିଜସ୍ୱ ବିଧାୟକ ପାଂଠିରୁ ୧୮ ଲକ୍ଷ ଟଙ୍କା ଅର୍ଥ ବରାଦ କରି ସେହି ବିବାଦୀୟ ସ୍ଥାନକୁ ରାସ୍ତା କରାଯିବା ପଛରେ ବିରାଟ ଷଡଯନ୍ତ୍ର ସ୍ପଷ୍ଟ ହୋଇଛି ଏବଂ ଏ ସଂପର୍କରେ ରାଜ୍ୟ ସରକାର ନିହାତି ଭାବେ ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି ଡ.ଲେଖାଶ୍ରୀ ଦାବୀ କରିଛନ୍ତି । ଓଡିଶାବାସିଙ୍କ ଆତ୍ମା ଓ ସ୍ୱାଭୀମାନ ଉପରେ କୁଠାରାଘାତ କରାନଯାଉ । ଷଡଯନ୍ତ୍ରକାରୀ ଜମି ଦଲାଲ୍ଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରାଜ୍ୟ ସରକାର ହୀନ ଚକ୍ରାନ୍ତରୁ ଓହରିଯାଇ ତୁରନ୍ତ ଏହି ଜମିକୁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନାମରେ ନାମିତ କରନ୍ତୁ ବୋଲି ଡ.ଲେଖାଶ୍ରୀ ଦାବୀ କରିଛନ୍ତି ।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ଉପସ୍ଥିତ ଥିଲେ।

## ସୁକାଦେବ କରଙ୍କର ଦେହାନ୍ତ



କେନ୍ଦ୍ରାପଡା, ୩୧।୧(ପି.ଏନ): କେନ୍ଦ୍ରାପଡ଼ାର ଇଛାପୁର ନିବାସୀ ସୁକଦେବ କରଙ୍କ ୨୭ ଜାନୁଆରୀରେ ଏସ.ସି.ବି ମେଡିକାଲ କଲେଜ କଟକ ଠାରେ ୮୧ ବର୍ଷ ବୟସରେ ପରଲୋକ ହୋଇଅଛି। ପୁଅ ସୁରେଶ, ବୋହୂ ରିନା, ଝିଅ ସୌଦାମିନୀ, ଜ୍ୱାଇଁ ସୁବ୍ରତ ଏବଂ ନାତି ନାତୁଣୀ ତଥା ପରିବାର ବର୍ଗଙ୍କୁ ଶୋକ ସାଗରରେ ଭସାଇ ଇହଲିଳା ସମ୍ବରଣ କରିଛନ୍ତି। ସେ ଜଣେ ପରୋପକାରୀ,ମିଷ୍ଟଭାଷୀ ତଥା ଆଧ୍ୟାତ୍ମିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତଥା ଜେଭି-୯୦ ସଦସ୍ୟ ବୃନ୍ଦ ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି ।








## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

## ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ସିନେ ପରଦାରେ ଗାନ୍ଧୀବାଣୀ





ସତ୍ୟର ମହାନାୟକ ତଥା କୋଟି କୋଟି ଭାରତୀୟ ଜନଗଣଙ୍କ ପୂଜ୍ୟ ସମସ୍ତଙ୍କ ପ୍ରିୟ ମୋହନଦାସ କରମ ଚାନ୍ଦ ଗାନ୍ଧୀ ବା ମହାତ୍ମା ଗାନ୍ଧୀଙ୍କୁ ନେଇ ରୂପେଲି ପରଦାରେ ସେତେ ବେଶି ସିନେମା ତିଆରି ନ ହୋଇଥିଲେ ବି ଯେଉଁ କ୍ୱଚିତ୍ ଗାନ୍ଧୀ ଚଳଚ୍ଚିତ୍ର ତିଆରି ହୋଇଛି ତାହା ସମଗ୍ର ବିଶ୍ୱବ୍ୟାପୀ ଜନାଦୃତ ହୋଇଛି। ବିଶିଷ୍ଟ ଇଂରାଜୀ ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ଏକାଧାରାରେ ଜଣେ ଶିଳ୍ପପତି ଓ ଖ୍ୟାତନାମା ନିର୍ଦ୍ଦେଶକ ରିଚାର୍ଡ଼ ଆଟେନ୍‌ବରୋ ସର୍ବ ପ୍ରଥମେ ଗାନ୍ଧିଜୀଙ୍କ ଜୀବନ କାହାଣୀକୁ ନେଇ ଏକ ଚଳଚ୍ଚିତ୍ର ପ୍ରସ୍ତୁତି ପାଇଁ ଆଗ୍ରହ ପ୍ରଦର୍ଶନ କରିଥିଲେ କାରଣ ସେ ଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଜଣେ ବହୁତ ବଡ଼ ପ୍ରଶଂସକ। ଗାନ୍ଧିଜୀଙ୍କ ଜୀବନୀକୁ ନେଇ ଚଳଚ୍ଚିତ୍ର କରିବା ପାଇଁ ରିଚାର୍ଡ଼ ବହୁତ କଷ୍ଟ ସ୍ୱୀକାର କରିଥିଲେ। ସର୍ବପ୍ରଥମେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ଲର୍ଡ ଲୁଇସ୍ ମାଉଣ୍ଟ ବେଣ୍ଟନ୍‌ଙ୍କ ସହାୟତାରେ ସାକ୍ଷାତ କରିଥିଲେ। ଯାହାଦ୍ୱାରା ନେହେରୁ ଏହି ଚଳଚ୍ଚିତ୍ର ପ୍ରସ୍ତୁତି ପାଇଁ ଅନୁମତି ଦେବା ସହ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ନେହେରୁଙ୍କ ମହାପ୍ରୟାଣ ଘଟିବାରୁ ତଥା ଏହି ଗାନ୍ଧିପ୍ରକଳ୍ପର ମୁଖ୍ୟ ଉଦ୍ୟୋକ୍ତା କୋଠାରୀ ସାହେବଙ୍କ ବିୟୋଗ କାରଣରୁ ଏହି ଚଳଚ୍ଚିତ୍ର ପ୍ରସ୍ତୁତି ଘୁଞ୍ଚି ଯାଇଥିଲା। ଚଳଚ୍ଚିତ୍ରର ସଂଳାପ ଲେଖିଥିଲେ ଜନ୍ ବ୍ରେଲି। ତେବେ ପରବର୍ତ୍ତୀ ସମୟରେ ଅନେକ ଘାତ ପ୍ରତିଘାତ ଭିତରେ ୨୬ ନଭେମ୍ବର ୧୯୮୦ରେ ଏହି ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ହୋଇ ୧୦ ମଇ ୧୯୮୧ରେ ଏହାର ପ୍ରସ୍ତୁତି ଶେଷ ହୋଇଥିଲା।

ଗାନ୍ଧିଜୀଙ୍କୁ ନେଇ ଏହି ଚଳଚ୍ଚିତ୍ର ସର୍ବପ୍ରଥମେ ବଡ଼ ପ୍ରତିବନ୍ଧକକୁ ସାମ୍ନା କରିଥିଲା; ତାହା ଥିଲା କଳାକାର ଚୟନ। ବିଶିଷ୍ଟ ଅଭିନେତା ବେନ୍ କିଙ୍ଗସ୍‌ଲେ ଗାନ୍ଧିଜୀଙ୍କ ଭୂମିକାରେ ଅଭିନୟ କରିବା ପାଇଁ ରାଜି ହୋଇଥିଲେ। ତେବେ କୁହାଯାଏ, ଗାନ୍ଧିଜୀଙ୍କ ଚେହେରା ସହ କିଙ୍ଗସ୍‌ଲେଙ୍କ ଚେହେରା ଅନେକାଂଶରେ ମିଶୁଥିବାରୁ ତଥା ଜଣେ ଖ୍ୟାତନାମା ଅଭିନେତା ହୋଇଥିବାରୁ ସେ ଏହି ଗୁରୁଦାୟିତ୍ୱ ପାଇଁ ମନୋନୀତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ଅଭିନୟ ପାଇଁ ସେ ପୃଥିବୀ ସ୍ତରର ସମ୍ମାନଜନକ ଓସ୍କାର, ଗ୍ରାମୀ, ବାଗ୍‌ତା, ଗୋଲଡେନ ଗ୍ଲୋବ ପୁରସ୍କାର ପାଇଥିଲେ। ଏହି ଗାନ୍ଧିଜୀଙ୍କ ଚଳଚ୍ଚିତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କସ୍ତୁରବା ଗାନ୍ଧୀଙ୍କ ଭୂମିକାରେ ରୋହିଣୀ ହଟାଙ୍ଗଡ଼ି, ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଭୂମିକାରେ ରୋଶନ ସେଠ୍, ସର୍ଦ୍ଦାର ବଲ୍ଲଭଭାଇଙ୍କ ଭୂମିକାରେ ବୀରେନ୍ଦ୍ର ଜାଫ୍ରି, ମୌଲାନା ଆଜାଦ୍‌ଙ୍କ ଭୂମିକାରେ ବୀରେନ୍ଦ୍ର ରାଜଦାନ, ଗୋପାଳକୃଷ୍ଣ ଗୋଖଲେଙ୍କ ଭୂମିକାରେ ଶ୍ରୀରାମ ଲାଗୁ, ନାହାରୀ ଭୂମିକାରେ ଓମ୍‌ପୁରୀ, ଗାନ୍ଧିଜୀଙ୍କ ବ୍ୟକ୍ତିଗତ ସଚିବ ମହାଦେବ ଦେଶାଇଙ୍କ ଭୂମିକାରେ ପଙ୍କଜ ମୋହନ, ଗାନ୍ଧିଜୀଙ୍କ ଦ୍ୱିତୀୟ ସଚିବ ପ୍ୟାରେଲାଲ ନାୟାରଙ୍କ ଭୂମିକାରେ ପଙ୍କଜ କପୁର, ଆଚାର୍ଯ୍ୟ କୃପାଳିନୀଙ୍କ ଭୂମିକାରେ ଅନଙ୍ଗ ଦେଶାଇ, ଖାନ୍ ଅବଦୁଲ୍ ଗଫର ଖାଁଙ୍କ ଭୂମିକାରେ ଦିଲ୍‌ଶେର୍ ସିଂ, ମନୁ ଓ ଆଭାଙ୍କ ଭୂମିକାରେ ଯଥାକ୍ରମେ ସୁପ୍ରିୟା ପାଠକ ଓ ନୀନା ଗୁପ୍ତା, ନାଥୁରାମ ଗଡ୍‌ସେଙ୍କ ଭୂମିକାରେ ହର୍ଷ ନାୟାର୍, ଆଗା ଖାଁ ପେଲେସ୍‌ର ଡାକ୍ତରଙ୍କ ଭୂମିକାରେ ଟମ୍ ଅଲ୍‌ଟର୍‌ଙ୍କ ସମେତ ବିଭିନ୍ନ ଇଂରେଜଙ୍କ ଚରିତ୍ରରେ ଇଂରେଜ କଳାକାର ଅଭିନୟ କରିଥିଲେ। ତିନିଘଣ୍ଟା ତିନିମିନିଟ୍‌ର ଏହି ଚଳଚ୍ଚିତ୍ରର ପ୍ରଥମ ଝଲକ୍ ରହିଛି ଗାନ୍ଧିଜୀଙ୍କ ମୃତ୍ୟୁ ଦିବସ ଅର୍ଥାତ୍ ୩୦ ଜାନୁୟାରୀ ୧୯୪୮ରୁ।

ଏହି ବିଶ୍ୱ ପ୍ରସିଦ୍ଧ ଚଳଚ୍ଚିତ୍ର ୩୦ ନଭେମ୍ବର ୧୯୮୨ରେ ନୂଆଦିଲ୍ଲୀରେ ମୁକ୍ତିଲାଭ କରିଥିଲା। ଏବଂ ଏହାର ଦୁଇଦିନ ପରେ ଅର୍ଥାତ୍ ୨ ଡିସେମ୍ବରରେ ଲଣ୍ଡନର ଓଡେନ୍‌ଲିସେଷ୍ଟର ସ୍କୋୟାରସ୍ଥିତ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ତେବେ ଗାନ୍ଧିଜୀ ବା ଗାନ୍ଧୀବାଦକୁ ନେଇ ଭାରତର ବିଭିନ୍ନ ସମୟରେ ତିଆରି ହୋଇଥିବା ଚଳଚ୍ଚିତ୍ର ବେଶ୍ ଜନାଦୃତ ହୋଇଛି। ୧୯୯୬ରେ ତିଆରି ହୋଇଥିବା ଦି ମେକିଙ୍ଗ ଅଫ୍ ଦ ମହାତ୍ମା, ୨୦୦୫ରେ ମେନେ ଗାନ୍ଧୀକୋ ନେହିଁ ମାରା, ୨୦୦୬ରେ ଲଗେ ରହୋ ମୁନ୍ନା ଭାଇ ଓ ୨୦୦୭ରେ ଗାନ୍ଧୀ ମାଇଁ ଫାଦର ଅନ୍ୟତମ। ୧୯୬୮ରେ ଗାନ୍ଧୀ ନ୍ୟାସନାଲ ମେମୋରିଆଲ୍ ଫଣ୍ଡ ଓ ଫିଲ୍ମସ୍ ଡିଭିଜନର ମିଳିତ ଉଦ୍ୟମରେ ମହାତ୍ମା ଲାଇଫ୍ ଅଫ୍ ଗାନ୍ଧୀ ଶୀର୍ଷକ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ ହୋଇଥିଲା, ଯାହାର ନିର୍ଦ୍ଦେଶନା ଦେଇଥିଲେ ବିଠଲ୍ ଭାଇ ଜାଭେରୀ। ତେବେ ବିଭିନ୍ନ ସମୟରେ ବିଭିନ୍ନ ଚଳଚ୍ଚିତ୍ରରେ ମହାତ୍ମା ଗାନ୍ଧୀଙ୍କ ଭୂମିକାରେ କିଛି ଅଭିନେତା ସେମାନଙ୍କର ଅଭିନୟର ଯାଦୁ ପ୍ରଦର୍ଶିତ କରିଥିଲେ। ୧୯୯୩ରେ ସର୍ଦ୍ଦାର ଚଳଚ୍ଚିତ୍ରରେ ଅନୁକାପୁର, ୧୯୯୮ରେ ଜିନା ଚଳଚ୍ଚିତ୍ରରେ ଶାମ୍ ଦସ୍ତୁର୍, ୨୦୦୦ରେ ଡକ୍ଟର ବାବା ସାହେବ ଆମ୍ବେଦକର ସିନେମାରେ ମୋହନ ଗୋଖଲେ। ୨୦୦୦ରେ ‘ହେ ରାମ’ ଚଳଚ୍ଚିତ୍ରରେ ନାସିରୁଦ୍ଦିନ୍ ଶାହା, ୨୦୦୨ରେ ଦିଲିଜେଣ୍ଡ ଅଫ୍ ଭଗତ୍ ସିଂହରେ ସୁରେନ୍ଦ୍ର ରାଜନ୍, ୨୦୦୫ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ ଫରଗଟନ୍ ହିରୋ ସିନେମାରେ ସୁରେନ୍ଦ୍ର ରାଜନ୍ ଗାନ୍ଧିଜୀଙ୍କ ଭୂମିକାରେ ଅଭିନୟ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ, ଜୀବନଚର୍ଯ୍ୟା ଓ କର୍ମଶୈଳୀ ସବୁକିଛି ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ବିଭିନ୍ନ ଭାରତୀୟ ପ୍ରାନ୍ତୀୟ ଭାଷାରେ ଗାନ୍ଧିଜୀଙ୍କୁ ନେଇ ସିନେମା ତିଆରି ହୋଇଥିଲେ ବି ଓଡ଼ିଆ ଭାଷାରେ ଗାନ୍ଧିଜୀଙ୍କୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରି କୌଣସି ଚଳଚ୍ଚିତ୍ର ଏଯାବତ୍ ତିଆରି ହୋଇନାହିଁ।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋଡରା, ମାହାଙ୍ଗା, କଟକ,*
*ଦୂରଭାଷ: ୯୪୩୭୧୪୨୭୧୭*

### ଜିଲ୍ଲା ପରିଷଦ ସଭ୍ୟ ପଦ ପାଇଁ ଦାଖଲ ହୋଇଥିବା ୧୪୨ ପ୍ରାର୍ଥୀପତ୍ରରୁ ୩ଟି ନାକଚ

କେନ୍ଦ୍ରାପଡା (ପିଏନ୍) : କେନ୍ଦ୍ରାପଡା ଜିଲ୍ଲାରେ ଆସନ୍ତା ତ୍ରିସ୍ତରୀୟ ନିର୍ବାଚନ ଉପଲକ୍ଷେ ୩୨ଟି ଜିଲ୍ଲା ପରିଷଦ ଜୋନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କ ପକ୍ଷରୁ ମୋଟ ୧୪୨ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ଆଳି ବ୍ଲକର ୪ଟି ଜୋନରୁ ୧୫ଟି, ଡେରାବିଶ ବ୍ଲକର ୩ଟି ଜୋନରୁ ୧୨ଟି, ଗରଦପୁର ବ୍ଲକର ୩ଟି ଜୋନରୁ୧୫ଟି, ରାଜକନିକା ବ୍ଲକର ୩ଟି ଜୋନରୁ ୧୨ଟି, ମାର୍ଶାଘାଇ ବ୍ଲକର ୩ଟି ଜୋନରୁ ୧୯ଟି, ମହାକାଳପଡା ବ୍ଲକର ୫ଟି ଜୋନରୁ୧୯ଟି, ପଟ୍ଟାମୁଣ୍ଡାଇ ବ୍ଲକର ୪ଟି ଜୋନରୁ ୧୮ଟି, ରାଜନଗର ବ୍ଲକର ୩ଟି ଜୋନରୁ ୧୩ଟି ଓ କେନ୍ଦ୍ରାପଡା ବ୍ଲକର ୪ଟି ଜୋନରୁ ୧୯ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ସେହିସବୁ ପ୍ରାର୍ଥୀପତ୍ରଗୁଡିକ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୩ଟି ପ୍ରାର୍ଥୀପତ୍ର ନାକଚ ହୋଇଥିବା ବେଳେ ୧୩୯ଟି ପ୍ରାର୍ଥୀପତ୍ର କାଏମ ରହିଥିବା ସୂଚନା ମିଳିଛି। ନାକଚ ହୋଇଥିବା ପ୍ରାର୍ଥୀପତ୍ର ମଧ୍ୟରେ ଆଳି ବ୍ଲକର ଗୋଟିଏ, ପଟ୍ଟାମୁଣ୍ଡାଇ ବ୍ଲକର ଗୋଟିଏ ଏବଂ ରାଜନଗର ବ୍ଲକର ଗୋଟିଏ ପ୍ରାର୍ଥୀପତ୍ର ଥିବା ସୂଚନା ମିଳିଛି।

### କେନ୍ଦ୍ରାପଡା ଜିଲ୍ଲାର ୧୨୭ ୱାର୍ଡସଭ୍ୟ, ସରପଞ୍ଚଓ ସମିତିସଭ୍ୟଙ୍କ ପ୍ରାର୍ଥୀପତ୍ର ନାକଚ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକର ୱାର୍ଡସଭ୍ୟ, ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ମୋଟ ୧୨୭ଟି ପ୍ରାର୍ଥୀପତ୍ର ଯାଞ୍ଚ ପରେ ନାକଚ ହୋଇଥିବା ସୂଚନା ମିଳିଛି। ସେଥିମଧ୍ୟରୁ ୯ଟି ବ୍ଲକରେ ୮ହଜାର ୧୨୫ଜଣ ୱାର୍ଡସଭ୍ୟଙ୍କ ପ୍ରାର୍ଥୀପତ୍ର ଭିତରୁ ୯୦ଟି ନାକଚ ହୋଇଥିବା ବେଳେ ୧୨୬୯ଟି ସରପଞ୍ଚଙ୍କ ପ୍ରାର୍ଥୀପତ୍ର ମଧ୍ୟରୁ ୨୯ଟି ଓ ୯୬୮ଟି ସମିତିସଭ୍ୟଙ୍କ ପ୍ରାର୍ଥୀପତ୍ର ମଧ୍ୟରୁ ୮ଟି ପ୍ରାର୍ଥୀପତ୍ର ଯାଞ୍ଚ ପରେ ନାକଚ କରାଯାଇଥିବା ସୂଚନା ମିଳିଛି।

# ଲକ୍‌ଡାଉନ ପ୍ରଭାବରେ କେନ୍ଦୁଝରରେ କମିଛି ବାୟୁ ଏବଂ ଶବ୍ଦ ପ୍ରଦୂଷଣ



କେନ୍ଦୁଝରଗଡ (ପିଏନ୍): କରୋନା କଟକଣା ଯୋଗୁଁ ଗାଡିମୋଟର ଏବଂ ଅନେକ କଳକାରଖାନା ବନ୍ଦ ଥିବାରୁ ରାଜ୍ୟର ୧୪ଟି ସହର ସମେତ କେନ୍ଦୁଝରରେ ବାୟୁ ପ୍ରଦୂଷଣ ମାତ୍ରା ଆଶାତିତ କମିଛି। ଲୋକମାନେ ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ବାୟୁ ନେଉଛନ୍ତି। ଲକଡାଉନ ପୂର୍ବରୁ ଦେଶର ଅନ୍ୟତମ ମୁଖ୍ୟ ପ୍ରଦୂଷିତ ଜିଲ୍ଲା ଭାବେ କେନ୍ଦୁଝର ଜିଲ୍ଲା ପରିଗଣିତ ହେଉଥିବାବେଳେ ଏବେ ଏହି ଜିଲ୍ଲାର ପ୍ରଦୂଷଣ ମାତ୍ର ଯଥେଷ୍ଟ କମ ରହିଥିବା ଏକ ସରକାରୀ ସର୍ବେକ୍ଷଣରୁ ଜଣାପଡିଛି। ଲକଡାଉନ ପାଇଁ ଯାନବାହନ ଚଳାଚଳରେ ବ୍ୟାପକ କଟକଣା ଯୋଗୁଁ ପ୍ରଦୂଷଣର ମାତ୍ରା କମ ଥିବା ଜଣାପଡିଛି। ସିଷ୍ଟମ ଅଫ ଏୟାର କ୍ୱାଲିଟି ଆଣ୍ଡ ୱେଦର ଫରକାଷ୍ଟିଂ ଆଣ୍ଡ ରିସର୍ଚ୍ଚ ବା ସଫର ତରଫରୁ ଏହି ସର୍ବେକ୍ଷଣ କରାଯାଇ ଦୁଇପ୍ରକାର ଧୂଳିକଣାର ସର୍ଭେ କରାଯାଇ ଏହି ପ୍ରଦୂଷଣର ରିପୋର୍ଟ ପ୍ରଦାନ କରିଛନ୍ତି । ଫାଇନ ପାର୍ଟିକ୍ୟୁଲେଟ ପଲ୍ୟୁଟାଂଟ ବା ପିଏମ ମାନକରେ ଏହି ପ୍ରଦୂଷଣ ଯାଂଚ କରାଯାଉଥିବାବେଳେ ଲକ୍‌ଡାଉନ ସିନା ଜୀବନଜୀବିକାକୁ ବିପନ୍ନ କରିଛି ମାତ୍ର ପରିବେଶକୁ ସତେଜ ରଖିଛି ଏହା ପ୍ରମାଣିତ ହୋଇଛି । ଲକ୍‌ଡାଉନ ଯୋଗୁଁ ବାୟୁ ପ୍ରଦୂଷଣ ଏବଂ ଶବ୍ଦ ପ୍ରଦୂଷଣ କମିବା ଯୋଗୁଁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଛି। ଯୋଡା ବ୍ଲକର ବାମେବାରୀ ହାଇସ୍କୁଲ ନିକଟରେ ସ୍ଥାପିତ ହୋଇଥିବା ଏହି ପ୍ରଦୂଷଣ ଯାଂଚ ମେସିନ ସହାୟତାରେ ଜଣାପଡିଛି ଯେ ଲକଡାଉନ ପୂର୍ବରୁ ଏହି ସ୍ଥାନରେ ୧୩୦ରୁ ୧୪୦ ମାଇକ୍ରନ ପ୍ରଦୂଷଣ ଥିବାବେଳେ ଲକଡାଉନ ଅବଧି ସମୟରେ ଏହା ୫୦ରୁ ୫୫କୁ କମିଆସିଥିଲା । କେନ୍ଦୁଝର ସହରର ବଣିଆପାଟରେ ଲଗାଯାଇଥିବା ଏକ ମେସିନରେ ୨.୫ ପିଏମର ଧୂଳିକଣା ପୂର୍ବରୁ ୧୦୦ରୁ ୧୧୦ ମଧ୍ୟରେ ଥିବାବେଳେ ଏହି ଲକଡାଉନ ଅବଧିରେ ୫୦ରୁ ୫୪ ରହିଛି । ବଡବିଲ ନିକଟସ୍ଥ ବଲାଣି କାରୋ ନଦୀ ନିକଟରେ ଲାଗିଥିବା ଏକ ପ୍ରଦୂଷଣ ଯାଂଚ ମେସିନରେ ୨୦୨୦ ମସିହା ଫେବୃୟାରୀ ୨୯ତାରିଖରେ ୨.୫ ପି.ଏମର ଧୂଳି ୮୬ ଥିବାବେଳେ ୨୦୨୦ ମାର୍ଚ୍ଚ ୮ ତାରିଖରେ ଏହାର ଘନତା ୩୯କୁ ଖସିଆସିଥିଲା । ବଡ ସାଇଜର ଧୂଳିଗୁଣ୍ଡ ଯାହା ପି.ଏମ-୧୦ ବୋଲି ବିବେଚନା କରାଯାଇଥାଏ ତାହା ଫେବୃୟାରୀ ୧୬ତାରିଖରେ ୨୫୬ ଥିବାବେଳେ ମାର୍ଚ୍ଚ ୮ତାରିଖରେ ୪୯ରହିଛି । ମାତ୍ର ଦୁଇମାସ ତଳେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ରାଜ୍ୟ ରାଜପଥ ସହିତ ଜିଲ୍ଲାର ପ୍ରମୁଖ ରାଜପଥ ଗୁଡିକର ଅବସ୍ଥା ଖରାପ ଯୋଗୁଁ ବାୟୁ ପ୍ରଦୂଷଣ ଯୋଗୁଁ ରାସ୍ତାକଡରେ ଥିବା ଘର, ସ୍କୁଲ, ପୋଖରୀ, ଗଛଲତାରେ ଧୂଳି ଜମି ରହୁଥିବା କଥା କାହାକୁ ଅଛପା ନ ଥିଲା । ଏବେ ସର୍ବନିମ୍ନ ୧୦୦ ମାଇକ୍ରୋ ଗ୍ରାମ କ୍ୟୁବିକ ମିଟର ବାୟୁରେ ଧୂଳି ରହିବା ବେଳେ ମାର୍ଚ୍ଚ ପୂର୍ବରୁ ଏହି ରାସ୍ତାରେ ୪୦୦ ରୁ ୫୦୦ ମାଇକ୍ରୋ ଗ୍ରାମ ଧୂଳିକଣା ମିଟର ପ୍ରତି ରହୁଥିଲା। ପ୍ରଦୂଷଣର ବଳୟରେ ଥିବା କେନ୍ଦୁଝର ଜିଲ୍ଲାର ବାୟୁମଣ୍ଡଳ ଦୂଷିତ ହେବା ସଙ୍ଗେ ସଙ୍ଗେ ଜନସାଧାରଣ ହୃଦଘାତ,ଶ୍ୱାସକ୍ରୀୟା ଜନିତ ରୋଗ,କ୍ଷୟ୍ମା,ଆଜମା ଆଦି ରୋଗରେ ପଡି ଅନେକ ଲୋକ ଅକାଳରେ ମୃତ୍ୟୁବରଣ କରୁଥିଲେ। ପ୍ରାଚୁର୍ଯ୍ୟର ଗନ୍ତାଘର କେନ୍ଦୁଝର ଜିଲ୍ଲାର ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ବାୟୁ ପ୍ରଦୂଷଣ ଚିନ୍ତାଜନକ ସ୍ଥିତିରେ ରହିଥିବାବେଳେ ରିମୁଳି-କୋଇଡା ଜାତୀୟ ରାଜପଥ ୫୨୦ ଚାରିଲେନ ରାସ୍ତା କାର୍ଯ୍ୟ ଚାଲିଥିବାବେଳେ ଦୈନନ୍ଦିନ ମାତ୍ରାଧିକ ଖଣିଜ ପଥର ପରିବହନ ପ୍ରଦୂଷଣ ମାତ୍ରା ବଢିବାରେ ଲାଗିଥିବା କଥା କାହାକୁ ଅଛପା ନୁହେଁ। ଭଦ୍ରାସାହିରେ ପାର୍କିଂ ଜୋନ ଥିବା ସତ୍ତ୍ୱେ ଭାରୀଯାନଗୁଡିକ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରହୁଥିବାରୁ ରାସ୍ତା ଜାମ ହୋଇ ଜନଜୀବନ ବ୍ୟସ୍ତବିବ୍ରତ ହୋଇଥିବା କଥା ଅଛପା ନୁହେଁ । ଦୁଇଚକିଆ ଯାନରେ ଯାତାୟତ କରୁଥିବା ଲୋକ,ସ୍କୁଲ କଲେଜ ଛାତ୍ରଛାତ୍ରୀ,ରୋଗୀ,ସାଇକେଲ ଆରୋହୀ,ପଥଚାରୀମାନେ ଏହି ରାସ୍ତା ଦେଇ ଯିବା କାଠିକର ପାଠ ହୋଇଥିଲା। ଏବେ ବି ଜାତୀୟ ରାଜପଥ ୨୦ର ବାଲିଆଗୋଡା ଛକରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଲକ୍‌ଡାଉନ ଯୋଗୁଁ ଦେଶର ଅନ୍ୟତମ ପ୍ରଦୂଷିତ ଜିଲ୍ଲା କେନ୍ଦୁଝରର ପରିବେଶ ସତେଜ ଥିବାବେଳେ ଆଗାମୀ ଦିନରେ ପରିବେଶ ପ୍ରତି ଦୃଷ୍ଟି ନ ଦେଲେ ଭୟଙ୍କର ପରିସ୍ଥିତିକୁ ଏଡାଇ ହେବ ନାହିଁ । ବାୟୁ ପ୍ରଦୂଷଣ କମ ଯୋଗୁଁ କେନ୍ଦୁଝର ଜିଲ୍ଲାରେ ତାପମାତ୍ରା ମଧ୍ୟ ହ୍ରାସ ପାଇଛି। ସାରା ଦେଶରେ ତାଲା ବନ୍ଦ ଯୋଗୁଁ ଲୋକ ନାହିଁ ନଥିବା ଅସୁବିଧା ଭୋଗ କରୁଥିବାବେଳେ ଏହା ବାୟୁମଣ୍ଡଳ ଓ ଜୀବଜଗତ ଉପରେ ଭଲ ପ୍ରଭାବ ପକାଇଥିବା ପରିବେଶବିତ୍ ଡକ୍ଟର ବିମ୍ବାଧର ବେହେରା ପ୍ରକାଶ କରିଛନ୍ତି। ବାୟୁ ମଣ୍ଡଳରେ ପ୍ରଦୂଷଣ କମିବା ଯୋଗୁଁ ନିର୍ମଳ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡମାତ୍ରା କମିଛି ବୋଲି ଡକ୍ଟର ବେହେରା ପ୍ରକାଶ କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟ କେନ୍ଦୁଝରର ଆଂଚଳିକ ଅଧିକାରୀ ଇଂ ପୁଷ୍କର ଚନ୍ଦ୍ର ବେହେରା ବାୟୁ ଗୁଣବତ୍ତା ସୂଚକାଙ୍କ ରିପୋର୍ଟ ଅନୁସାରେ ପିଏମ-୧୦ ଏବଂ ପିଏମ-୨.୫ ମାତ୍ରା କେନ୍ଦୁଝରରେ ଲକ୍‌ଡାଉନ ସମୟରେ ୩୦ ପ୍ରତିଶତରୁ ୪୦ ପ୍ରତିଶତ ବାୟୁ ପ୍ରଦୂଷଣ କମିଥିବା ପ୍ରକାଶ କରିଛନ୍ତି। ଲକ୍‌ଡାଉନ ସମୟରେ ଶବ୍ଦ ପ୍ରଦୂଷଣ ମଧ୍ୟ କମିଥିବା ସରକାରୀ ରିପୋର୍ଟରୁ ଜଣାପଡିଛି।

### ପଳସିଂହା ପଞ୍ଚାୟତର ୩ସନ୍ତାନ ଥିବା ୱାର୍ଡସଭ୍ୟା ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀ ପଦକ୍ଷେପ ନେଉନାହାନ୍ତି

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପଳସିଂହା ପଞ୍ଚାୟତର ୧୦ନମ୍ବର ୱାର୍ଡରେ ୱାର୍ଡମେମ୍ବର ପଦରେ ପ୍ରାର୍ଥୀ ହୋଇଥିବା ରମାକାନ୍ତ ଜେନା ପଳସିଂହା ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ ସେହି ୱାର୍ଡରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଅନ୍ୟ ଜଣେ ୱାର୍ଡସଭ୍ୟା ପ୍ରାର୍ଥୀନୀ ସୌଦାମିନୀ ବିଶ୍ୱାଳ, ସ୍ୱାମୀ ନିରାକାର ବିଶ୍ୱାଳଙ୍କର ୩ଟି ସନ୍ତାନ ଅଛନ୍ତି। ସେଥିମଧ୍ୟରୁ ୨ଟି ପୁଅ ହୋଇଥିବା ବେଳେ ଗୋଟିଏ ଝିଅ। ତେଣୁ ସରକାରଙ୍କ ନିୟମ ଅନୁଯାଇ ତାଙ୍କ ପ୍ରାର୍ଥୀପତ୍ରକୁ ନାକଚ କରାଯାଉ ବୋଲି ଶ୍ରୀ ଜେନା ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ସହିତ ଅଭିଯୋଗକାରୀ ଶ୍ରୀ ଜେନା ସୌଦାମିନୀଙ୍କ ୩ସନ୍ତାନ ପାଠପଢୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦାନ କରିଥିବା ଜନ୍ମ ତାରିଖ ସମ୍ବନ୍ଧୀୟ ପ୍ରମାଣପତ୍ର, ସୌଦାମନିଙ୍କ ନାମରେ ଥିବା ରାସନକାର୍ଡର ନକଲ ଏବଂ ପଞ୍ଚାୟତ ଭୋଟର ତାଲିକାର ନକଲ ପ୍ରଭୃତି ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। କିନ୍ତୁ ଏ ସମ୍ପର୍କରେ ପଞ୍ଚାୟତ ନିର୍ବାଚନ ଅଧିକାରୀ କୌଣସି ନିଷ୍ପତ୍ତି ଗ୍ରହଣ ନକରିବାରୁ ଅଭିଯୋଗକାରୀ ଶ୍ରୀ ଜେନା ବ୍ଲକ ନିର୍ବାଚନ ଅଧିକାରୀ ତଥା କେନ୍ଦ୍ରାପଡା ବିଡିଓ ବନ୍ଦନା ଖଟୁଆଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ ଦାଖଲ କରିବା ସହ ଉପଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। କେନ୍ଦ୍ରାପଡା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଶ୍ରୀମତୀ ଜେନାଙ୍କୁ ଏ ସମ୍ପର୍କରେ ପଚରାଯିବାରେ ସେ କହିଥିଲେ ଯେ ଏ କ୍ଷେତ୍ରରେ ସ୍କୁଲ ଶିକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ଜନ୍ମ ସମ୍ବନ୍ଧୀୟ ପ୍ରମାଣପତ୍ର ଗ୍ରହଣଯୋଗ୍ୟ ନୁହେଁ। କେବଳ ଜଣେ ମେଡିକାଲ ଅଫିସରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବାୟୋଲୋଜିକାଲ ପ୍ରମାଣପତ୍ର ଆଧାରରେ ପ୍ରାର୍ଥୀପତ୍ର ନାକଚ କରାଯାଇପାରିବ।

### ଦେଶର ସ୍ୱାଧୀନତା ସଂଗ୍ରାମ ପ୍ରଥମେ ଓଡିଶାରୁ ଆରମ୍ଭ ହୋଇଥିଲା

ଭୁବନେଶ୍ୱର (ପିଏନ୍): ସିପାହି ବିଦ୍ରୋହର ଚାରି ଦଶନ୍ଧି ପୂର୍ବରୁ ମାନେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜ ସରକାର ବିରୋଧରେ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହ । ଏହା ପାଇକ ବିଦ୍ରୋହ ନାମରେ ଜନମାନସରେ ଥିଲେ ମଧ୍ୟ ଏଥିରେ ସବୁ ଜାତି ଓ ସବୁ ଶ୍ରେଣୀର ଓଡିଆମାନେ ଥିଲେ । ଏହି ବିଦ୍ରୋହ ଆଠ ବର୍ଷ ପର୍ଯ୍ୟନ୍ତ ଲାଗିରହିଥିଲା । ଏହାପରେ ୧୮୨୭ ମସିହାରୁ ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ। ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଓଡିଶାରୁ ହିଁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା ବୋଲି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ।

### ଧର୍ମଶାଳା ପ୍ରେସ କ୍ଲବର ଦିବଂଗତ ସଭାପତି ନରହରି ମହାନ୍ତିଙ୍କ ପୁଣ୍ୟତିଥି

ଧର୍ମଶାଳା (ପିଏନ୍): ଜଣେ ସାମ୍ବାଦିକର କଲମ ମୁନ ଓ ଦୂରଦୃଷ୍ଟି ସମାଜର ଅନେକ ଲୁକାୟିତ ଘଟଣାକୁ ପଦାକୁ ଆଣିବାରେ ସହାୟତା ହୋଇଥାଏ। ବର୍ତ୍ତମାନ ସମୟରେ ନିଷ୍ଠାବାନ ସାମ୍ବାଦିକତା ମାନଙ୍କର ଆବଶ୍ୟକତା ଜରୁରୀ ହୋଇପଡିଛି ବୋଲି ମତପ୍ରକାଶ ପାଇଁ। ଧର୍ମଶାଳା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠାତା ସଭାପତି ଦିବଂଗତ ନରହରି ମହାନ୍ତିଙ୍କ ୧୩ତମ ପୁଣ୍ୟତିଥି ଜାରକାସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଚଳିତ ବର୍ଷ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଏହି ଉତ୍ସବକୁ ଅତ୍ୟନ୍ତ ନିରାଡମ୍ବର ଭାବେ ପାଳନ କରାଯାଇଛି। ପ୍ରେସ କ୍ଲବର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସଂଗଠନ ସଂପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ଉତ୍ସବ ସଂପର୍କରେ ଆଲୋକପାତ କରିଥିଲେ। ସାଧାରଣ ସଂପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ମାନସରଂଜନ ଜେନା ଓ ସଭ୍ୟ ଅଖିଳ କୁମାର ସ୍ୱାଇଁ ସ୍ୱର୍ଗତ ମହାନ୍ତିଙ୍କ ସାମ୍ବାଦିକତା ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୁଲାମ ଗସ, ସହସଂପାଦକ ସୀତାକାନ୍ତ ସାମଲ, ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିବେକାନନ୍ଦ ରାୟ, ଅକ୍ଷୟ କୁମାର ରାଉତ, ଅନୀଲ ନାୟକ, ବିନୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରେସ କ୍ଲବ ପରିସରରେ ଥିବା ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ସହ ୨ମି. ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପ୍ରେସ କ୍ଲବ ପକ୍ଷରୁ ଛତିଆ ସ୍ଥିତ ସେବକ ଜରାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଖଣି ଅଂଚଳରେ ମୃତ୍ୟୁର ସୌଦାଗର ସାଜିଛି ତାମିଲ ଠିକାଦାର




ଯୋଡା (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣି ଅଂଚଳରେ ନିଜର କାୟା ବିସ୍ତାର କରି ଚାଲିଛି ଦକ୍ଷୀଣ ଠିକାଦାର ତ୍ରିବେଣୀ ଆର୍ଥ ମୁଭର୍ସ। ଖଣି ଅଂଚଳର ପ୍ରାୟ ଅନେକ ଖଣିକୁ ହାତ କରି ଖଣି କାର୍ଯ୍ୟ ଚଳାଇ ଆସୁଛି। ଖଣି ଖୋଳିବାର ନିଶା ଏମିତି ଘାରିଛି ସେ ନିଜର ମଣିଷପଣିଆ ସବୁ ଭୁଲିଗଲାଣି। ଅନେକ ସମୟରେ ଶ୍ରମିକ ନିର୍ଯ୍ୟାତନା କରୁଥିବା ନେଇ ଅଭିଯୋଗ ଆସୁଥିବା ବେଳେ କୌଶଳ କରି ସବୁ ପ୍ରମାଣ ଗୁଡିକୁ ଲିଭାଇବାରେ ମଧ୍ୟ ସିଦ୍ଧହସ୍ତ। ଏମିତି ଏକ ଘଟଣା ଘଟି ଯାଇଛି ତ୍ରିବେଣୀ କାର୍ଯ୍ୟ କରୁଥିବା ଜେଏସଡବ୍ଲୁ ଜଜାଙ୍ଗ ଖଣିରେ। ଜଣେ ଶ୍ରମିକ କାର୍ଯ୍ୟରୁ ଫେରି ମେସରେ ଥିବା ବାଥରୁମରେ ପଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ଜେଏସ ଡବ୍ଲୁ ଜଜାଙ୍ଗ ଖଣୀରେ ତ୍ରିବେଣୀ ଖଣି ଖୋଳିବାର ଠିକାକାର୍ଯ୍ୟ କରିଆସୁଛି। ତ୍ରିବେଣୀର ଜଣେ କର୍ମଚାରୀ ନିଜ କାର୍ଯ୍ୟରୁ ଫେରି ବାଥରୁମ ଯାଇଥିବା ବେଳେ ବାଥରୁମ ଭିତରେ ହିଁ ତାହାର ମୃତ୍ୟୁ ହୋଇଯାଇଥିଲା। ପରେ ତାକୁ ଯୋଡା ସ୍ଥିତ ଟାଟା ଡାକ୍ତରଖାନାକୁ ଆଣି ଡାକ୍ତରି ପରିକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମରଶରିରକୁ ଡାକ୍ତରଖାନାର ଶବ ଗୃହରେ ରଖି ତାଙ୍କର ଶବ ବ୍ୟବଛେଦ ପାଇଁ ପଠାଇଥିବା ଜଣାପଡିଛି। ମୃତକର ନାଁ ଭୁବନାନନ୍ଦ ମହାନ୍ତ, ବୟସ ୩୮, ଘର ଢେଙ୍କାନାଳ ଜିଲ୍ଲା, କଙ୍କଡା ହାଡ ବ୍ଲକ ଅରବେଙ୍ଗୀ ଗ୍ରାମ ବୋଲି ଜଣାପଡିଛି। ପ୍ରାୟ ଦେଢବର୍ଷ ହେବ ସେ ତ୍ରିବେଣୀ କମ୍ପାନୀରେ କାର୍ଯ୍ୟ କରି ଆସୁଥିଲେ। ଗତକାଲି ସକାଳୁ ଘର ଲୋକ ଆସି ପହଚିଂବା ପରେ ତ୍ରିବେଣି କମ୍ପାନୀର ସତ୍ୟତା ପଦାକୁ ଆସିଛି। ଘଟଣା ସ୍ଥଳରେ ଗଣମାଧ୍ୟମକୁ ଦେଖି ପରିବାର ଏବଂ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ସାହାସ ସଂଚାର ହୋଇଥିଲା। ତ୍ରିବେଣୀର ଅନ୍ୟାୟ ବିରୋଧରେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ମୃତ ଭୁବନାନନ୍ଦ ଏକ ଭୋଲଭ ଡ୍ରାଇଭର ଭାବେ କାର୍ଯ୍ୟ କରିଆସୁଥିଲେ। ଘଟଣା ଘଟିବା ଦୁଇ ଦିନ ଆଗରୁ ଭୁବନା ନନ୍ଦ ନିଜ ପରିବାର ଙ୍କ ସହ ଦେହ ଖରାପ କୁ ନେଇ ଫୋନରେ କଥା ହୋଇଥିବା ସହ କମ୍ପାନୀ ଛୁଟିମଂଜୁର କରୁ ନଥିବା ଜଣାଇଥିଲେ । ସେ କାମରୁ ଛୁଟି ନେବାକୁ ଚାହୁଁଥିଲେ ଏବଂ ଦେହ ଅସୁସ୍ଥତା ବିଷୟରେ ଉପରାସ୍ତ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କୁ ଛୁଟି ମିଳିନଥିଲା। ସାଧାରଣତନ୍ତ୍ର ଦିବସରେ ପ୍ରାୟ ସମସ୍ତ ଅନୁଷ୍ଠାନ ଏବଂ କମ୍ପାନୀ ବନ୍ଦ ରହୁଥିବା ବେଳେ ତ୍ରିବେଣି କମ୍ପାନୀର ଖଣି ଖୋଳିବା ମୋହ ଏମିତି ଥିଲା ଯେ ଅସୁସ୍ଥ ଭୁବନାନନ୍ଦକୁ ମଧ୍ୟ ଏହି ଦିନରେ କାର୍ଯ୍ୟ କରିବାକୁ ବାଧ୍ୟ କରାଇଥିଲେ । କାମର ଚାପ ଏମିତି ଭୁବନାନନ୍ଦଙ୍କ ଉପରେ ପକାଇଥିଲେ ଯେ ସେ ଛୁଟି ନନେଇ କାର୍ଯ୍ୟରେ ଯୋଗ ଦେଇଥିଲେ, ଯାହାଫଳରେ ଭୁବନାନନ୍ଦଙ୍କ ଜୀବନ ଚାଲିଯାଇଥିଲା। ଏହି ଘଟଣାକୁ ନେଇ କମ୍ପାନୀ ଏବଂ ଅନ୍ୟ କର୍ମଚାରୀ ଓ ଭୁବନାନନ୍ଦଙ୍କ ପରିବାର ଲୋକଙ୍କ ମଧ୍ୟରେ କିଛି ସମୟ ପାଇଁ ଅପ୍ରତିକର ପରିସ୍ଥିତି ଉପୁଜିଥିଲା। ଏଠାରେ ସୂଚାଇଦିଆଯାଉଛି ଯେ ଏମିତି ଅନେକ ଥର ତ୍ରିବେଣୀ କମ୍ପାନୀରେ ଶ୍ରମିକ ନିର୍ଯ୍ୟାତନା ବିଷୟରେ ଖବର ଆସୁଥିବା ବେଳେ ଅତି ଚତୁରତାର ସହ ଘଟଣା ଗୁଡିକୁ ଚପେଇଦିଆଯାଏ। ଏହି ଘଟଣା ମେସରେ ନହୋଇ ଯଦି ଖଣି ଭିତରେ ହୋଇଥାନ୍ତା, ତା’ ହେଲେ ପୋଲିସ କି ପ୍ରଶାସନ କେହି ଏହାର ଖୋଜ ଖବର ପାଇ ନଥାନ୍ତେ। କୌଶଳ କରି ଏମିତି ଘଟଣାକୁ ଚପାଇଦେବାରେ କମ୍ପାନୀ ସିଦ୍ଧହସ୍ତ। ତେବେ ଏହି ଘଟଣାରେ ମୃତକଙ୍କ ପରିବାରରେ ମୃତକଙ୍କ ଗୋଟିଏ ଝିଅ ଗୋଟିଏ ପୁଅ ଏବଂ ସ୍ତ୍ରୀ ଓ ବିଧବା ମା’ ଥିବା ବେଳେ ତାଙ୍କର ଭବିଷ୍ୟତ ଏବେ ଅନ୍ଧାର ଭିତରେ। ତ୍ରିବେଣୀ କମ୍ପାନୀର ମେନେଜିଙ୍ଗ ଡାଇରେକ୍ଟର ଉପସ୍ଥିତ ନଥିବାରୁ ତଳିଆ ଅଧିକାରୀ ଏବେ କୌଣସି କ୍ଷତିପୂରଣ ନଦେବାକୁ କହୁଥିବା ବେଳେ କେବଳ ଶୁଦ୍ଧି କ୍ରିୟା ପାଇଁ ଖର୍ଚ୍ଚ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଘର ଲୋକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ସମାଜସେବୀଙ୍କ ବିୟୋଗରେ ସ୍ମୃତିସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମଢିଆଳ ଗ୍ରାମର ପ୍ରତାପ କୁମାର ସାହୁଙ୍କ ଧର୍ମପତ୍ନୀ ମିନତୀ ସାହୁଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ବାସଭବନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲିକ, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିବେଦିତା ସାମଲ, ପୂର୍ବତନ ପୌର କାଉନସିଲର ହିରଣ୍ୟ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସିଂ, ମଙ୍ଗଳବରଣ ସିଂ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଭୀମସେନ ବେହେରା, ରଞ୍ଜନକୁମାର ସାହୁଙ୍କ ସମେତ ସ୍ୱର୍ଗତା ମିନତୀଙ୍କ ଝିଅ କାଜଲ, କରିସ୍ମା, ଲୋପାମୁଦ୍ରା, ଧରିତ୍ରୀ, କବିତା, ସବିତା, ମମତା, କାଞ୍ଚନ, ନାତୁଣୀ ସୋନାକ୍ଷୀ ଘୋଷ, କ୍ୱାଇଁ ଟୁଟୁନ, ଝୁନୁ, ଚିନ୍ମୟଙ୍କ ସମେତ ଦିଅର ପ୍ରଦୀପ, ଶୁଶୁର ଫକିରଚରଣ ସାହୁ, ଭାଗ୍ୟଶ୍ରୀ, ଚିନ୍ନୁ, ଭୂମୀ, ବିଜୟଲକ୍ଷ୍ମୀ ସାହୁ, ଅଶୋକ, ମନ, କାଲା, ପ୍ରଶାନ୍ତ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ମିନତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ସାମ୍ୟବାଦୀ ନେତା ପୂର୍ଣ୍ଣଚନ୍ଦ୍ର ବଡ଼ଜେନାଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଅଂଚଳର ବାମପନ୍ଥୀ କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରମୁଖ ପ୍ରବକ୍ତା ପୂର୍ଣ୍ଣଚନ୍ଦ୍ର ବଡ଼ଜେନାଙ୍କ ୨୬ତମ ଶ୍ରାଦ୍ଧୋତ୍ସବ ନବୀନାବାଗସ୍ଥିତ ପ୍ରାଣନାଥ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କିଶୋର ଚନ୍ଦ୍ର ପରମଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମାର୍କସବାଦୀ କମ୍ୟୁନିଷ୍ଟ ଦଳର ସଚିବ ଜନାର୍ଦ୍ଦନ ପତି ଯୋଗଦେଇ ସ୍ୱର୍ଗତଃ




ବଡ଼ଜେନାଙ୍କ ଚାଷୀ-ମୂଲିଆଙ୍କ ପ୍ରତି ଥିବା ଦରଦୀ ଭାବର ଅବତାରଣା କରିଥିଲେ। ଶ୍ରମିକ ଓ କୃଷକଙ୍କ ଶକ୍ତି ବଳରେ ଦେଶର ବିକାଶ ହୋଇପାରିବ। ଦୀର୍ଘ ଏକ ବର୍ଷ ଧରି କୃଷକ ସଂଗଠନଗୁଡ଼କର ଆନ୍ଦୋଳନ ଫଳରେ କୃଷି ଆଇନ ପ୍ରତ୍ୟାହୃତ ହେବା ଏହାର ପ୍ରମାଣ। ସାମ୍ୟବାଦୀ ନେତା ଅନନ୍ତ ମଂଗରାଜ ଅତିଥି ପରିଚୟ ଓ ପ୍ରାରଂଭିକ ସୂଚନା ଦେଇ ପୂର୍ଣ୍ଣଚନ୍ଦ୍ରଙ୍କ ବଳିଷ୍ଠ ସାଂଗଠନିକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, ବରିଷ୍ଠ ଆଇନଜୀବୀ ବିଚିତ୍ର ବଡ଼ଜେନା, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସମାଜସେବୀ ରାମଶଂକର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ଲକ୍ଷ୍ମୀଧର ବଡ଼ଜେନା ପ୍ରମୁଖ ସ୍ୱର୍ଗତଃ ବଡ଼ଜେନାଙ୍କ ସଂଗ୍ରାମୀ ନେତୃତ୍ୱ ଭବିଷ୍ୟତ ପିଢିକୁ ପ୍ରେରଣା ଦେବ ବୋଲି ମତ ଦେଇଥିଲେ। ସ୍ୱର୍ଗତଃ ବଡ଼ଜେନାଙ୍କ ସୁପୁତ୍ର ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ବଡ଼ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଂଶୁମାନ ବଡ଼ଜେନା ଓ ଇତିଶ୍ରୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ପରାକ୍ରମ ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବାଳକ ବିଭାଗ ଆନୁକୂଲ୍ୟରେ ପରାକ୍ରମ ଦିବସ ତଥା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମଧୁସୁଦନ କାମିଲା ଏହି ଅବସରରେ ଅନୁଷ୍ଠିତ ଆଭାଷୀ (ୱେବିନାର)ରେ ସଭାପତିତ୍ୱ କରି ପରାକ୍ରମ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର ଜିଲ୍ଲା ଅଧିକାରିଣୀ ଡଃ. ପଦ୍ମଜାକବି ଶତପଥୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ନିକୁଞ୍ଜ ବିହାରୀ ପୃଷ୍ଟି ଯୋଗଦେଇ ଉତ୍କଳର ବରପୁତ୍ର ଅମର ସନ୍ତାନ ନେତାଜୀଙ୍କ ଜୀବନୀ, କାର୍ଯ୍ୟକଳାପ ଏବଂ ଭାରତର ସ୍ୱାଧୀନତାରେ ତାଙ୍କର ଅବଦାନ ଏବଂ ଭାରତ ସରକାରଙ୍କ ତାଙ୍କ ପ୍ରତି ସମ୍ମାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର, ପ୍ରାଧ୍ୟାପକ ଅଜୟ କୁମାର ଦାଶ, ଡଃ. ମନୋରଞ୍ଜନ ରାଉତ, ଆଦ୍ୟାରଶ୍ମୀ ମହାପାତ୍ରଙ୍କ ସମେତ ସମସ୍ତ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ। ଶେଷରେ କଲେଜ ଜାତୀୟ ସେବା ଯୋଜନା ବାଳକ ବିଭାଗ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଫେବୃଆରୀ ୦୧

# ଏକ ନୂତନ ଯୁଗର ପ୍ରବର୍ତ୍ତକ: ଗାନ୍ଧି



ଗାନ୍ଧିଙ୍କୁ ମହାତ୍ମା ରୂପେ ତୋଳିବାରେ ବହୁ କାରକ ଏବଂ ବ୍ୟକ୍ତିତ୍ୱମାନଙ୍କର ପ୍ରଭାବ ରହିଛି। ତାହାରି ବଳରେ ସେ ଜଣେ ଉଚ୍ଚକୋଟିର ବିଚାରକ ଏବଂ ଚିନ୍ତାନାୟକ ରୂପେ ନିଜକୁ ଗଢି ପାରିଛନ୍ତି। ତାଙ୍କ ଉପରେ ହିନ୍ଦୁଧର୍ମ, ଈଶାଇ ଧର୍ମ, ଚୀନାମାନଙ୍କର ଦର୍ଶନତତ୍ତ୍ୱ, ଜୈନ ଧର୍ମ, ଇସଲାମ ଧର୍ମ, ମହାତ୍ମାବୁଦ୍ଧ, ଟଲଷ୍ଟଏ, ଏବଂ ଗାରିବାଲ୍ଡି ଏମିତି ଆହୁରି ଅନେକଙ୍କର ପ୍ରଭାବ ରହିଛି। ସେମାନେ ତାଙ୍କ ପ୍ରେରଣାର ଉତ୍ସ। ଗୀତାରୁ ସେ ସତ୍ୟ, ଅହିଂସା ଏବଂ ସଦାଚାର ଶିକ୍ଷା ପାଇଛନ୍ତି। କର୍ମଯୋଗ, ନିଷ୍କାମ ଆଚରଣ ଏବଂ ସତ୍ୟାଗ୍ରହ ପରି ଆବଶ୍ୟକ ଗୁଣ ହିଁ ସେ ଗୀତାପାଠରୁ ଲାଭ କରିଛନ୍ତି। ସତ୍ୟ ଏବଂ ଅହିଂସା ତତ୍ତ୍ୱ ଏବଂ ଆଚରଣ ସେ ଜୈନ ଓ ବୌଦ୍ଧ ଗ୍ରନ୍ଥରୁ ଶିକ୍ଷାଲାଭ କରିଛନ୍ତି। ଏହିପରି ବିଭିନ୍ନ ଉତ୍ସରୁ ସୁଗୁଣାବଳୀମାନ ଆହରଣ କରି ନିଜକୁ ଜଣେ ସଂପୂର୍ଣ୍ଣ ମଣି ରୂପେ ସ୍ୱୟଂସିଦ୍ଧ କରିଛନ୍ତି।

ଗାନ୍ଧିଙ୍କର ସତ୍ୟସମ୍ବନ୍ଧୀ ବିଚାର ଅନୁଯାୟୀ ଜୀବନର ଲକ୍ଷ୍ୟ ହିଁ ସତ୍ୟକୁ ଖୋଜିବା, କାରଣ ସତ୍ୟ ହିଁ ଈଶ୍ୱର। ସତ୍ୟ ହିଁ ପ୍ରେମ; ସଦାଚାର ଏବଂ ନୈତିକତାର ପ୍ରତୀକ। ଈଶ୍ୱର ସତ୍ୟରୂପେ ଏକ ଶାଶ୍ୱତ ଶକ୍ତି, ସେ ଏକମାତ୍ର ରହସ୍ୟମୟ ଏବଂ ସର୍ବବ୍ୟାପୀ ଶକ୍ତି, ଯାହାକୁ ଦେଖିହୁଏନା ଅଥଚ ଅନୁଭବ କରିହୁଏ। ଈଶ୍ୱର ନିର୍ଭୟତା, ଜୀବନ ଏବଂ ପ୍ରକାଶର ଚିରପ୍ରବହମାନ ସ୍ରୋତ; କିନ୍ତୁ ସେ ଏହାଠାରୁ ଆହୁରି ଉପରେ, ବହୁତ ଉର୍ଦ୍ଧ୍ୱରେ। ଈଶ୍ୱର ହିଁ ଅନ୍ତରାତ୍ମା। ତାଙ୍କ ମତରେ ଈଶ୍ୱର କୌଣସି ଦେବୀ ବା ଦେବତା ନୁହନ୍ତି; ସେ ସତ୍ୟ ସହିତ ଏକରୂପ। ତାହାହିଁ ଗାନ୍ଧିଙ୍କର ତତ୍ତ୍ୱଜ୍ଞାନର କେନ୍ଦ୍ର। ନିରପେକ୍ଷ ସତ୍ୟକୁ ପ୍ରାପ୍ତି ହିଁ ଜୀବନର ଅନ୍ତିମ ଲକ୍ଷ୍ୟ। ତାଙ୍କ ମତରେ, ସତ୍ୟର ସେବା ହିଁ ଈଶ୍ୱରଙ୍କର ଯଥାର୍ଥ ଅର୍ଚ୍ଚନା।

ଗାନ୍ଧିଙ୍କ ଦୃଷ୍ଟିରେ ଅହିଂସାର ବିଚାରଧାରା ଅତି ବ୍ୟାପକ। ତାଙ୍କ ଅନୁସାରେ ଅହିଂସା ହତ୍ୟା କି ଆଘାତ ଦେବା ଅର୍ଥରେ କେବଳ ବୁଝାଏ ନାହିଁ। ଅନ୍ୟ ଅର୍ଥରେ



ବିରୋଧୀକୁ କୋଉ ପ୍ରକାରେ କଷ୍ଟ ନ ଦେବାକୁ ମଧ୍ୟ ବୁଝାଏ। ଏହା ଏକ ସର୍ବୋଚ୍ଚ ନୈତିକ ଏବଂ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ। ଏହା କେବଳ କଷ୍ଟ ନ ଦେବାରେ ନିଷେଧାତ୍ମକ ଧାରଣା ନୁହେଁ, ଓଲଟି ମନ୍ଦ କାମନା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଭଲ କରିବା ଦ୍ୱାରା ଏକ ସକାରାତ୍ମକ କ୍ରିୟା ଅଟେ। ଅହିଂସା ହିଁ କେବଳ ସର୍ବୋଚ୍ଚ ପ୍ରେମ, ସର୍ବୋଚ୍ଚ ଦୟାପରାୟଣତା ଏବଂ ସର୍ବୋଚ୍ଚ ଆତ୍ମବଳିଦାନର ମାର୍ଗ ଏବଂ ପୂଣ୍ୟ ଅଟେ। ଏହା ମାନବଜାତିର ଏକ ନୈସର୍ଗିକ ଏବଂ ପ୍ରାକୃତିକ ଗୁଣ ଅଟେ। ଆତ୍ମିକ ଦୃଷ୍ଟିକୋଣରୁ ଅହିଂସା ଶକ୍ତିଶାଳୀ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ, ଦୁର୍ବଳ ବା ନିର୍ବଳ ପାଇଁ ନୁହେଁ। ଅହିଂସା ଏକ ଏମିତି ବଳ, ଯାହା କୌଣସି ଅତ୍ୟାଚାର, ଅବିଚାର ଅଥବା ମନ୍ଦ ପ୍ରକୃତି ବା ବଳକୁ ସହିବା ଅର୍ଥରେ ନୁହେଁ; ବରଂ ଏହିପରି ଅନ୍ୟାୟପୂର୍ଣ୍ଣ ସାମ୍ରାଜ୍ୟକୁ ମୁକାବିଲା କରେ। ଏହା ଭୟ ଉପରେ ଏକ ଅଭୟ ବା ବିଜୟ ପ୍ରାପ୍ତ। ଏହା କ୍ରିୟାଶୀଳତାର ସନ୍ଦେଶ, ନିଷ୍କ୍ରିୟତାର ନୁହେଁ। ଅହିଂସା ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖେ; ଏହାର ଅର୍ଥ ଅନନ୍ତ ପ୍ରେମ, ଏହା କଷ୍ଟ ସହିବାର ଅନନ୍ତ କ୍ଷମତା। ଅହିଂସା ସତ୍ୟର ସାଧନା, ସଦ୍‌ଭାବନା ଏବଂ ଅହିଂସା ଦ୍ୱାରା ହିଁ ସତ୍ୟ, ଶିବ ଓ ସୁନ୍ଦରକୁ ପ୍ରାପ୍ତି ହୁଏ। ଅହିଂସା ସମାଜ ପାଇଁ ଏକ ନିଃସ୍ୱାର୍ଥ ସେବା; ଏହା ଅନ୍ତରଆତ୍ମାର ସ୍ୱର ଅଥବା ନୈତିକତାର ସ୍ୱାଭାବିକ ଆହ୍ୱାନ। ଅହିଂସା ନିର୍ଭିକତା ଏବଂ ଆଧ୍ୟାତ୍ମିକ ଜୀବନର ପ୍ରଥମ ଆବଶ୍ୟକତା। ତାଙ୍କ ମତରେ, ସତ୍ୟାଶ୍ରୟୀ ହେବାକୁ ହେଲେ, ନିର୍ଭିକତାର ଆବଶ୍ୟକତା ଅଛି। ଅହିଂସାର ଅର୍ଥ ନୁହେଁ, ଆମେ ହିଂସାକୁ ପ୍ରତିରୋଧ କରିବୁ ନାହିଁ। କିନ୍ତୁ ଶାନ୍ତି, ସତ୍ୟ ଏବଂ ସକାରାତ୍ମକ ଉପାୟରେ।

ସତ୍ୟାଗ୍ରହ ସଂପର୍କରେ ଗାନ୍ଧି କୁହନ୍ତି: ସତ୍ୟାଗ୍ରହ ଭୌତିକ ବଳର ପ୍ରତିକାର ନିମନ୍ତେ ଅହିଂସାର ସାଧନା ମାତ୍ର; ଅନ୍ୟାୟକୁ ପ୍ରତିରୋଧ କରିବାର ଏହାହିଁ ନ୍ୟାୟପୂର୍ଣ୍ଣ ମାର୍ଗ ବା ସତ୍ୟ ଉପରେ ବଳ ଦେବା; ଏହା ସତ୍ୟର ଶକ୍ତି, କାରଣ ସତ୍ୟ ହିଁ ଆତ୍ମା; ଏହା ଆତ୍ମାର ଶକ୍ତି ମଧ୍ୟ। ଗାନ୍ଧୀଙ୍କ ମତରେ, ସତ୍ୟ ପ୍ରତି ଆଗ୍ରହ ଓ ବିଶ୍ୱାସ ରଖି ଅତ୍ୟାଚାରୀ ପାଖରେ ଶିର ନ ନୁଆଁଇ ବିରୋଧ କରିବା ତଥା ଏହି କଥାକୁ ନ ଶୁଣିବା ଜରୁରୀ ଅଟେ। ଅବଶ୍ୟ ଅତ୍ୟାଚାରୀକୁ ଘୃଣା ନକରି ଏବଂ ତା' ପ୍ରତି ବିଦେଶୀ ଭାବ ନ ରଖି ଅନ୍ତରଆତ୍ମାର ଆହ୍ୱାନରେ କେବଳ ସାମ୍ନା କରିବା ହିଁ ଧର୍ମ।

ଗାନ୍ଧିବାଦ ଏକ ନୈତିକ ଦର୍ଶନ, ଯାହାକି ସାଧନ-ସାଧ୍ୟର ଏକ ସିଦ୍ଧାନ୍ତ। ଗାନ୍ଧିଜୀ ତାଙ୍କର ଏ ଦର୍ଶନ ସାମାଜିକ, ଆର୍ଥିକ, ରାଜନୈତିକ ତଥା ତାଙ୍କ ଜୀବନରେ ସାମ୍ନା କରିଥିବା କ୍ଷେତ୍ରମାନଙ୍କରେ ପ୍ରୟୋଗ କରିଛନ୍ତି। ଗାନ୍ଧିଜୀ ସାଧନ ଓ ସାଧ୍ୟକୁ ଭିନ୍ନ ଭିନ୍ନ ନଦେଖି ଗୋଟିଏ ବୃନ୍ତରେ ଦୁଇଟି ଦଳ ସ୍ୱରୂପ ଦେଖନ୍ତି। ସେ ଉଭୟର ପବିତ୍ରତା ଉପରେ ବିଶ୍ୱାସ କରନ୍ତି। ତାଙ୍କ ମତରେ, ଯଦି ଆମର ସାଧନ, ଅନୈତିକ ଅଟେ, ତେବେ ଆମର ଧ୍ୟେୟ ଏବଂ ଧାରଣା ତଥା କାର୍ଯ୍ୟାବଳୀ ନଷ୍ଟ ହୋଇଯାଏ। ଏଣୁ ତାଙ୍କ କହିବା ଅନୁସାରେ, ସାଧନ ଓ ସାଧ ମଧ୍ୟରେ ଏମିତି ସଂପର୍କ ରହିବା ଉଚିତ୍, ଯେମିତି ବୀଜ ଏବଂ ବୃକ୍ଷ ମଧ୍ୟରେ ସଂପର୍କ। ସାଧ୍ୟ ହିଁ ସାଧନରୁ ଜନ୍ମ ନିଏ। ଗାନ୍ଧିଙ୍କ ମତରେ, ସତ୍ୟ ହିଁ ପ୍ରତ୍ୟେକ ଜୀବନର ଅନ୍ତିମ ଲକ୍ଷ୍ୟ, ଯାହାକି ସାଧ୍ୟ ଅଟେ। ଏହି ସାଧ୍ୟ ପାଇଁ ସାଧନର ଆବଶ୍ୟକତା ଅଛି।

ସାମ୍ରାଜ୍ୟବାଦୀ ଚିନ୍ତାଧାରା ତଥା ପ୍ରତିଯୋଗିତାରେ ରକ୍ତପାତ ହିଁ ଥିଲା ମୂଳ ଲକ୍ଷ୍ୟ। ଏଥିପାଇଁ କୋଟି ଜନତାର ଲୁହ, କ୍ରନ୍ଦନ, ଜୀବନହାନି, କ୍ଷତ, କ୍ଷେତ, ଅବାଗା ଏବଂ ଅସହାୟ ହେବାର ନାନା ପ୍ରଶ୍ନ ଥିଲା, ଅଥଚ ଗାନ୍ଧିଜୀଙ୍କର ସେହି ଅମୋଘ ଅସ୍ତ୍ର 'ସତ୍ୟ-ଶାନ୍ତି-ଅହିଂସା' ବଳରେ ଏ ସବୁର ପରିସମାପ୍ତି ଘଟି ଏକ ନୂତନ ଦିଗନ୍ତ ସୃଷ୍ଟି କରି ବନ୍ଦି, ଦଳିତ, ପତିତ ଏବଂ ଅତ୍ୟାଚାରିତ ଜନସମୁଦ୍ରକୁ ମୁକ୍ତ କଲା। ଭାରତର ସ୍ୱାଧୀନତା ସଂଗ୍ରାମ ହିଁ ଏହାର ଜ୍ୱଳନ୍ତ ଉଦାହରଣ। ନୂତନ ଦିଗ ପାଇଁ ସେ ଥିଲେ ଯୁଗ ପରିବର୍ତ୍ତନର ଆଲୋକବର୍ତ୍ତିକା। ସତ୍ୟ ଏବଂ ଅହିଂସା ତଥା ଶାନ୍ତିରୂପକ ସର୍ବଶକ୍ତିମାନ ଅସ୍ତ୍ର ଏବଂ ସର୍ବୋତ୍କୃଷ୍ଟ ଉପାୟ ସେ ଏଥିପାଇଁ ନିୟୋଜିତ କରିଥିଲେ। ତେଣୁ ଯଥାର୍ଥରେ ଆମେ ତାଙ୍କୁ ଜଣେ ନୂତନ କ୍ରିଷ୍ଟ, ଶାନ୍ତିର ବାର୍ତ୍ତାବହ ଏବଂ ଯୁଗପ୍ରବର୍ତ୍ତକ କହିବୁ। ଜଣେ ହିନ୍ଦି କବି ସୋହନଲାଲ ଦ୍ୱିବେଦୀ ତାଙ୍କ ପାଇଁ ଲେଖିଛନ୍ତି –

*"ଯୁଗ ପ୍ରବର୍ତ୍ତକ ଯୁଗ ସଂସ୍ଥାପକ*
*ଯୁଗ ସଂଚାଳକ ହେ, ଯୁଗାଧାର।*
*ଯୁଗ ନିର୍ମାଣ ଯୁଗ ମୂର୍ତ୍ତି ତୁମେ*
*ଯୁଗ ଯୁଗାନ୍ତକ ଯୁଗ କା ନମସ୍କାର।।"*

**ବିପିନବିହାରୀ ମହାନ୍ତି**, ବିକାଶ ନଗର, କଟଣୀ, ମୋ-୯୯୩୮୩୪୪୧୩୮

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଅନେକ ଦ୍ୱନ୍ଦ୍ୱରେ ପୁତିନ

••••••••••••ସୌମେନ୍ଦ୍ର ଜେନା••••••••••••

ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବେ ସବୁଠୁ ଅଧିକ ଦ୍ୱନ୍ଦ୍ୱରେ ପଡିଛନ୍ତି । ନୀତିଗତ ନିଷ୍ପତ୍ତି କ'ଣ ନେବେ ତାହା ଅନେକ ସମୟରେ ସ୍ଥିର କରିପାରୁନାହାନ୍ତି । ଗୋଟିଏ ପଟେ ଆମେରିକା ଓ ନାଟୋ ମେଣ୍ଟ ଦିନକୁଦିନ ଅଧିକରୁ ଅଧିକ ସମସ୍ୟା ବଢାଇ ଚାଲିଥିଲାବେଳେ ପଡୋଶୀ ଚୀନର ଚାଲବାଜି ବଢିବାରେ ଲାଗିଛି । ସେପଟେ ଆଫଗାନିସ୍ଥାନରେ ତାଲିବାନ ସରକାର ଆସିବାପରେ ସହଯୋଗୀ କେନ୍ଦ୍ର ଏସିଆର ଦେଶଗୁଡିକ ପାଇଁ ସଙ୍କଟ ବଢିବାରେ ଲାଗିଛି । ୟୁକ୍ରେନକୁ ନାଟୋ ନିଜ ସପକ୍ଷରେ ନେବାପାଇଁ ଜଗି ବସିଥିଲା ବେଳେ କୃଷ୍ଣସାଗରରେ ବିରୋଧୀଙ୍କ ଗତିବିଧି



ଚାଲୁରଖିଛି । ସୋଭିଏତ୍ ରୁଷିଆରେ ଆଭ୍ୟନ୍ତରୀଣ ଅବ୍ୟବସ୍ଥା ସୃଷ୍ଟି କରାଇ ଏକଦା ଯେପରି ଦେଶଗୁଡିକୁ ଅଲଗା କରିବାକୁ ଆମେରିକା ସଫଳ ହୋଇଥିଲା, ଏବେ ସେମିତି ଗଣତାନ୍ତ୍ରିକ ସରକାରରେ ପରିବର୍ତ୍ତନ ନାମରେ ରାଜନୈତିକ ଆନ୍ଦୋଳନ, ହିଂସାମୁଖୀ ବିକ୍ଷୋଭ ମାଧ୍ୟମରେ କାଜାଖସ୍ଥାନରେ ହସ୍ତପ୍ରସାରିତ କରିବାକୁ ଚାହୁଁଛି ବୋଲି ପୁତିନ ସ୍ପଷ୍ଟ ହୋଇଗଲେଣି । ମଧ୍ୟପ୍ରାଚ୍ୟରେ ସିରିଆକୁ ଦୁର୍ବଳ କରିବା ପାଇଁ ଆମେରିକା ସମସ୍ତପ୍ରକାର ଉଦ୍ୟମ କରିବା ସତ୍ତ୍ୱେ କେବଳ ରୁଷିଆର ଦୃଢସମର୍ଥନ ପାଇ ସେଠାକାର ସରକାର ଆଜି ବି ରହିଛନ୍ତି । ରୁଷିଆର ପୁରୁଣା ଅଧିକାରୀମାନଙ୍କୁ ବ୍ରିଟେନ ନିଜ ଦେଶରେ ବସବାସ କରିବାର ସୁଯୋଗ ପ୍ରଦାନ କରି ସେମାନଙ୍କ ମାଧ୍ୟମରେ ରୁଷିଆରୁ ତଥ୍ୟ ଚୋରୀ କରି ବ୍ୟବସ୍ଥାରେ ସଙ୍କଟ ସୃଷ୍ଟି କରିବା ଭଳି ଷଡଯନ୍ତ୍ରକୁ ପୁତିନ ଗ୍ରହଣ କରିପାରିନାହାନ୍ତି । ଅନ୍ୟପକ୍ଷରେ ଆମେରିକାର ମଧ୍ୟାବଧି ନିର୍ବାଚନ ନଭେମ୍ବର ୨୦୨୨ରେ ହେବାକୁ ଥିବାରୁ ପୁତିନ ସେଥିରେ ଗୋଳମାଳ ସୃଷ୍ଟି କରିପାରନ୍ତି ବୋଲି ଜୁଲାଇ ୨୦୨୧ରେ ଆମେରିକାର ୧୨୦ ଗୋଇନ୍ଦା ଅଧିକାରୀଙ୍କୁ ଉତ୍ତର ଭର୍ଜିନିଆରେ ଥିବା ରାଷ୍ଟ୍ରୀୟ ଗୋଇନ୍ଦା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ରାଷ୍ଟ୍ରପତି ଜୋ ବାଇଡେନ ଆଶଙ୍କା ବ୍ୟକ୍ତ କରିଥିଲେ । କାରଣ ଆମେରିକାର ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍‌ର ୩୪୫ଟି ସଦସ୍ୟ ଆସନ ଏବଂ ସିନେଟର ୧୦୦ରୁ ୩୪ଟି ଆସନ ପାଇଁ ଉକ୍ତ ନିର୍ବାଚନ ହେବ । ୮ ନଭେମ୍ବର ୨୦୨୨ରେ ହେବାକୁ ଥିବା ଏହି ନିର୍ବାଚନ ସମୟରେ ପୁତିନ ସାଇବର ଆକ୍ରମଣ କରିବାର ସମ୍ଭାବନା ରହିଥିବା ସଂପର୍କରେ ବାଇଡେନ ନିଜ ଅଧିକାରୀମାନଙ୍କୁ ସତର୍କ କରାଇଛନ୍ତି ।

ରୁଷିଆର ସହଯୋଗୀ ଇରାନ ଉପରେ ପରମାଣୁ ବୋମା ନିର୍ମାଣର ଅଭିଯୋଗ ଆଣି ଯେପରି ଆମେରିକା କଟକଣା ଲଗାଇବାରେ ଲାଗିଛି ତାହା ପୁତିନଙ୍କ ପାଇଁ ଅସୁବିଧା ସୃଷ୍ଟି କରିଛି । ୟୁକ୍ରେନ ମଧ୍ୟଦେଇ ଇଉରୋପକୁ ଯୋଗାଣ ହେଉଥିବା ଗ୍ୟାସ ପରିବହନ କ୍ଷେତ୍ରରେ ଆମେରିକାର ଚାପକ୍ରମେ ୟୁକ୍ରେନ ଅସୁବିଧା ସୃଷ୍ଟି କରିବାରେ ଲାଗିଛି । ଆଗାମୀ ଦିନରେ ସମୁଦ୍ର ପଥରେ ପାଇପ ଯୋଗେ ଏହି ଗ୍ୟାସ ଯୋଗାଣ କରିବାକୁ ରୁଷିଆ ପ୍ରୟାସ ଜାରି ରଖିଛି । ଦେଶର ମୁଖ୍ୟ ଆୟ ଏବେ ଗ୍ୟାସ ଓ ପେଟ୍ରୋଲିୟମ ପଦାର୍ଥରୁ ହେଉଛି । ଅନେକ ରାଷ୍ଟ୍ର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପାଇଁ ଆଗ୍ରହୀ ଥିଲେ ମଧ୍ୟ ଆମେରିକା ଓ ନାଟୋ ଗୋଷ୍ଠୀର କଟକଣା ଭୟରେ ଅଧିକ ଆଗେଇ ପାରୁନାହାନ୍ତି । ଭାରତପରି ବଡ କ୍ରେତା ରୁଷିଆ ହାତରୁ ଧୀରେ ଧୀରେ ଖସିବାରେ ଲାଗିଛି । ପ୍ରତିରକ୍ଷା ବଜାର ଦୃଷ୍ଟିରୁ ଭାରତ ସାତଦଶନ୍ଧି ହେଲା ରୁଷିଆର ବଡ କ୍ରେତା ରହିଆସିଥିଲେ ମଧ୍ୟ ଏବେ ସେଠାକାର ବଜାରକୁ ଫ୍ରାନ୍ସ ଏବଂ ଆମେରିକା ଅଧିକ ଯୋଗାଣ କରିବାରେ ବ୍ୟସ୍ତ । ଦୁଇ ଦଶନ୍ଧି ଧରି କ୍ଷମତାରେ ରହି ପୁତିନ ଦେଶର ଶାସନକୁ ଅନେକ ପରିମାଣରେ ନିଜ ନିୟନ୍ତ୍ରଣରେ ରଖିବାକୁ ସକ୍ଷମ ହୋଇଥିଲେ ମଧ୍ୟ ଅର୍ଥନୀତି କ୍ଷେତ୍ରରେ ବିଫଳ ହୋଇଛନ୍ତି । ରୁଷିଆର ମୁଦ୍ରା ଯେପରି ଅନେକ ଦୁର୍ବଳ ହୋଇଛି ସେହିପରି ବିଦେଶୀ ମୁଦ୍ରା ଭଣ୍ଡାର ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଯୁଦ୍ଧାସ୍ତ୍ରର ଆଧୁନିକୀକରଣ ଏବଂ ନୂତନ ପିଢୀର ଯୁଦ୍ଧବିମାନ ନିର୍ମାଣ ପାଇଁ ରୁଷିଆ ପାଖରେ ଅର୍ଥର ଅଭାବ ରହିଥିବା ହେତୁ ଅନେକ ପ୍ରକଳ୍ପ ବିଳମ୍ବରେ ଚାଲିଛି । ତେଣୁ ମଧ୍ୟପ୍ରାଚ୍ୟରେ ୟୁନାଇଟେଡ ଆରବ ଏମିରେଟ ସହ ସୁଖୋଇ-୭୫ ଚେକ୍‌ମେଟ ଯୁଦ୍ଧ ନିର୍ମାଣ ପାଇଁ ପୁତିନ ଚାହୁଁଛନ୍ତି । ଉଭୟ ଦେଶ ୨୦୧୭ରେ ଯୁଦ୍ଧାସ୍ତ୍ର ବଜାରରେ ମିଳିତ ଉତ୍ପାଦନ ପାଇଁ ଆଲୋଚନା କରିଥିଲେ । ନିକଟରେ ଏମିରେଟ କର୍ତ୍ତୃପକ୍ଷ ୧୭ବିଲିଅନ ଡଲାରର ଆମେରିକାର ଏଫ-୩୫ ଯୁଦ୍ଧବିମାନ ବୁଝାମଣାକୁ ବାତିଲ କରି ଦେଇଛନ୍ତି । ମଧ୍ୟପ୍ରାଚ୍ୟରେ ଏହି ଯୋଜନା ସଫଳ ହେଲେ ରୁଷିଆ ଅଧିକ ଲାଭବାନ ହେବ । କାରଣ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ନିର୍ମାଣ ପାଇଁ ଆବଶ୍ୟକ ପୁଞ୍ଜି ଏମିରେଟ ବିନିଯୋଗ କରିବ ଏବଂ ଜ୍ଞାନକୌଶଳ ରୁଷିଆ ଦେବ । ଯାହା ଫଳରେ ପ୍ରତିରକ୍ଷା ବଜାରରେ ବିଶ୍ୱରେ ପୁଣି ରୁଷିଆର ନୂଆ ନୂଆ ଉତ୍ପାଦନ ସ୍ଥାନ ପାଇବା ଆରମ୍ଭ ହୋଇପାରିବ । ଅପରପକ୍ଷେ ଏମିରେଟ ସରକାର ଆଗାମୀ ଦିନମାନଙ୍କରେ ନିଜ ଦେଶର ତୈଳ ଆଧାରିତ ଅର୍ଥନୀତିକୁ ବଦଳାଇ ଭିନ୍ନ ଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ ଚାହୁଁଛନ୍ତି । ରୁଷିଆ ପରି ସହଯୋଗୀ ମିଳିଲେ ଏମିରେଟ ନିଜର ପ୍ରତିରକ୍ଷା ବଜାର ଖୋଲିପାରିବ । କିନ୍ତୁ ପରସ୍ପରର ଶତ୍ରୁ ସୁନ୍ନି ଏମିରେଟ ଓ ସିହା ଇରାନକୁ ନେଇ ସନ୍ତୁଳିତ କୂଟନୀତି ଚଳାଇବା ପୁତିନଙ୍କ ପାଇଁ ବଡ ଆହ୍ୱାନ ହେବ ।

ରୁଷିଆର ପ୍ରଭାବ ବୃଦ୍ଧି ପାଇଁ ପୁତିନ ନିଜର ସେନା ଆମେରିକାର ଶତ୍ରୁରାଷ୍ଟ୍ର ତଥା ରୁଷିଆର ମିତ୍ରରାଷ୍ଟ୍ର ଦକ୍ଷିଣ ଆମେରିକାର କ୍ୟୁବା ଏବଂ ଭେନେଜୁଏଲାରେ ମୁତୟନ କରିବାକୁ ଚାହୁଁଛନ୍ତି । ନିକଟରେ ଏହି ଦୁଇ ଦେଶକୁ ଆମେରିକାର କଟକଣା ସତ୍ତ୍ୱେ ରୁଷିଆ ଆର୍ଥିକ ସହାୟତା ପ୍ରଦାନ କରିଥିଲା । ନାଟୋ ମାଧ୍ୟମରେ ଯେପରି ଆମେରିକା ରୁଷିଆର ପଡୋଶୀ ରାଷ୍ଟ୍ରରେ ନିଜ ସେନାଙ୍କୁ ମୁତୟନ କରି ରୁଷିଆର ରକ୍ତଚାପ ବୃଦ୍ଧି କରିବାକୁ ଚେଷ୍ଟା ଜାରି ରଖିଛି, ଠିକ୍ ସେହିପରି ରୁଷିଆର ସେନା ଆମେରିକାର ପଡୋଶୀ ରାଷ୍ଟ୍ରଗୁଡିକରେ ମୁତୟନ ହେବା ଦରକାର ବୋଲି ରୁଷିଆର ଉପବିଦେଶ ମନ୍ତ୍ରୀ ସର୍ଗେଇ ର୍ୟାବକୋଭ ନିକଟରେ ଏକ ସାକ୍ଷାତକାରରେ କହିଛନ୍ତି । ଯେମିତି ସିରିଆରୁ ରୁଷିଆର ସେନା ଏପର୍ଯ୍ୟନ୍ତ ଫେରିନାହାନ୍ତି ସେମିତି ଭିନ୍ନ ଭିନ୍ନ ଦେଶରେ ରୁଷିଆର



ସେନା ମୁତୟନ ହୋଇ ରହିଲେ ଆମେରିକା ଉପରେ ଅଧିକ ଚାପ ପକାଇହେବ ବୋଲି ପୁତିନ ମନେକରୁଛନ୍ତି । ଆମେରିକାର ସୁରକ୍ଷା ପରାମର୍ଶଦାତା ଜ୍ୟାକ୍ ସୁଲିଭାନ ପୁତିନଙ୍କ ଏହି ଯୋଜନାକୁ ସାମନା କରିବାକୁ ପ୍ରସ୍ତୁତ ରହିଥିବା କଥା କହିଛନ୍ତି । ରୁଷିଆ ନିଜ ସେନାକୁ ମୁତୟନ କଲେ ଆମେରିକା ମଧ୍ୟ ତା'ର ଉପଯୁକ୍ତ ଜବାବ ଦେବ ବୋଲି ସେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ମତବ୍ୟକ୍ତ କରିଛନ୍ତି ।

କେନ୍ଦ୍ର ଏସିଆର ରାଷ୍ଟ୍ରଗୁଡିକର ବିକାଶ ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ ହେଉଥିବା ସମୟରେ ରୁଷିଆ ପାଖରେ ସହାୟତା କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥର ଅଭାବ ରହିଛି । ତେଣୁ ମୋଦିଙ୍କ ସହ ପୁତିନ ନୂଆଦିଲ୍ଲୀ ଗସ୍ତ ବେଳେ ଡିସେମ୍ବର ୨୦୨୧ରେ ଭାରତ ସେସବୁ ଦେଶରେ ନିବେଶ ଏବଂ ପ୍ରତିରକ୍ଷା ଉତ୍ପାଦନ କରିବାକୁ ପ୍ରୋତ୍ସାହିତ କରିଛନ୍ତି । ଚୀନର ପ୍ରଭାବ କେନ୍ଦ୍ର ଏସିଆରେ ଅଧିକ ବଢୁଥିବା ହେତୁ ରୁଷିଆର ଚିନ୍ତା ବଢିଛି । ସେହିସବୁ ଦେଶରେ ନିବେଶ ଏବଂ ଉତ୍ପାଦନ କ୍ଷେତ୍ରରେ ଭାରତ ସକ୍ରିୟ ହେଲେ ରୁଷିଆର ଆବଶ୍ୟକତା ପୂରଣ ହୋଇପାରିବ ବୋଲି ସେ ମନେକରୁଛନ୍ତି । କେନ୍ଦ୍ର ଏସିଆରେ ଚୀନ ରୁଷିଆ ପାଇଁ ଆହ୍ୱାନ ସୃଷ୍ଟି କରିପାରେ, କିନ୍ତୁ ଭାରତ କରିବ ନାହିଁ ବୋଲି ପୁତିନଙ୍କ ବିଶ୍ୱାସ ରହିଛି । ଭାରତ ଓ ଚୀନକୁ ବ୍ରିକ୍‌ସ ପରି ସଂଗଠନରେ ରଖି ମଧ୍ୟ ଦୁଇ ଦେଶକୁ ପୁତିନ ନିଜର ନିୟନ୍ତ୍ରଣରେ ରଖିବା ସହଜ ହେବନାହିଁ । ଜିନପିଙ୍ଗଙ୍କ ସାମ୍ରାଜ୍ୟବାଦୀ ମନୋଭାବକୁ ଭାରତ ପ୍ରଚଣ୍ଡ ବିରୋଧ କରି ଆସୁଛି । ତେଣେ ଆମେରିକା ସହ ଭାରତର ବନ୍ଧୁତାରେ ବୃଦ୍ଧି ଓ କ୍ୱାଡ ସଂଗଠନରେ ଯୋଗଦାନ ପୁତିନଙ୍କ ପାଇଁ ଚିନ୍ତାଜନକ ହୋଇଛି । ତେବେ ମୋଦିଙ୍କ ବାଣିଜ୍ୟିକ କୂଟନୀତିକୁ ଚୀନର ବିସ୍ତାରବାଦୀ ରଣନୀତିର ବିରୋଧରେ ଛିଡା କରିବା ପାଇଁ ପୁତିନ ଚାହୁଁଛନ୍ତି । ଦୁଇ ରାଷ୍ଟ୍ରସହ ମିତ୍ରତା ପାଇଁ ରୁଷିଆକୁ ସନ୍ତୁଳନ ରଖି କାର୍ଯ୍ୟକରିବାକୁ ହେଉଛି ।

ପାକିସ୍ଥାନ ସହ ମିତ୍ରତା ବୃଦ୍ଧି ପାଇଁ ଜିନପିଙ୍ଗ୍ ପୁତିନଙ୍କ ଉପରେ ଚାପ ପକାଉଥିଲେ ମଧ୍ୟ ଇମରାନ ସରକାରଙ୍କ ଉପରେ ରୁଷିଆ ସରକାର ଭରସା କରିପାରୁନାହାନ୍ତି । ଆଫଗାନିସ୍ଥାନରେ ପାକ୍‌ର ଡବଲ ଗେମ୍ ବିଷୟ ସମସ୍ତେ ନିକଟରେ ଦେଖିସାରିଛନ୍ତି । ଏଫ୍‌ଏଟିଏଫ୍ ଗ୍ରେ-ଲିଷ୍ଟରେ ଥିବା ପାକ୍‌ର ଅର୍ଥନୀତି ଚିନ୍ତାଜନକ ସ୍ଥିତିରେ ଥିବାରୁ ପୁତିନ ଇମରାନ୍ ସରକାରଠାରୁ ଦୂରତା ରକ୍ଷାକରିବାକୁ ଚାହୁଁଛନ୍ତି ।

ପୂର୍ବ ୟୁରୋପରେ ନାଟୋର ଶକ୍ତିବୃଦ୍ଧି ପୁତିନଙ୍କ ମୁଣ୍ଡବ୍ୟଥା ବଢାଇଛି । ଭିଏତନାମଠାରେ ୧୩ ଜାନୁଆରୀ ୨୦୨୨ରେ ଆମେରିକା, ରୁଷିଆ ଏବଂ ଓଏସ୍‌ସିଇ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ବିଶେଷ କିଛି ଲାଭ ହୋଇନାହିଁ । ତେଣୁ ଓଏସ୍‌ସିଇ ଅଧ୍ୟକ୍ଷ ପୋଲାଣ୍ଡର ବିଦେଶମନ୍ତ୍ରୀ ଆଲୋଚନା ପରେ କହିଛନ୍ତି ଯେ ଗତ ତିରିଶ ବର୍ଷ ମଧ୍ୟରେ ଏବେ ଯୁଦ୍ଧର ଆଶଙ୍କା ସବୁଠୁ ବେଶି ଦେଖାଯାଉଛି । ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ପାଇଁ ଉଭୟପକ୍ଷ ରାଜି ହୋଇଥିଲେ ହେଁ ଆମେରିକା ଏବଂ ନାଟୋ ସଦସ୍ୟ ରାଷ୍ଟ୍ର ୟୁକ୍ରେନ ମାମଲାରେ ରୁଷିଆକୁ ବିରୋଧ କରିଛନ୍ତି । ୟୁକ୍ରେନରେ ନାଟୋ ସେନା ମୁତୟନ ହେଲେ ସେମାନେ ରୁଷିଆର ସୀମାରେ ସମସ୍ୟା ସୃଷ୍ଟି କରିବେ ବୋଲି ପୁତିନ ଆଶଙ୍କା କରୁଛନ୍ତି । ତେଣୁ ରୁଷିଆର ସୁରକ୍ଷା ପାଇଁ କୌଣସି ପ୍ରକାର ୟୁକ୍ରେନକୁ ଆମେରିକା ହାତକୁ ଚାଲିଯିବାକୁ ପୁତିନ ଦେବେନାହିଁ । ସେଥିପାଇଁ ୟୁକ୍ରେନସ୍ଥିତ ରୁଷିଆର ସବୁ କୂଟନୀତିକ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ପୁତିନ ଆଦେଶ ଦେଇଛନ୍ତି । ଗୋଟିଏ ସଂପୂର୍ଣ୍ଣ ବନ୍ଦ ହୋଇସାରିଛି ଏବଂ ଅନ୍ୟ ଦୁଇଟିର ବନ୍ଦ ପ୍ରକ୍ରିୟା ଜାରି ରହିଛି । ବେଲାରୁଷରେ ସମରାଭ୍ୟାସ ମାଧ୍ୟମରେ ୟୁକ୍ରେନର ସୀମାକୁ ରୁଷିଆ ଘେରିବାକୁ ଲାଗିଛି । ବେଲାରୁଷ ସୀମାନ୍ତରେ ବହୁଦେଶୀୟ କ୍ଷେପଣାସ୍ତ୍ର ସବୁ ରୁଷିଆ ମୁତୟନ କରିବାରେ ଲାଗିଛି । ଦେଶ ଭିତରେ ପୁତିନଙ୍କ ମୁଖ୍ୟ ବିରୋଧୀ ରୁଷିଆ ଫ୍ୟୁଚର ପାର୍ଟିର ଆଲେକ୍ସି ଆନାଟୋଲିଭିକ୍ ନଭଲନୀଙ୍କୁ ବନ୍ଦୀ କରି ରଖିବା, ଦୁର୍ନୀତି ଅଭିଯୋଗ ସବୁକୁ ଖାରଜ କରିବା ପରି ପୁତିନଙ୍କ କାର୍ଯ୍ୟକୁ ଦେଶ ବାହାରେ ଭଲ ଦୃଷ୍ଟିରେ ଲୋକେ ଦେଖୁନାହାନ୍ତି । ରୁଷିଆରେ ଦୁର୍ନୀତି ବିରୋଧୀ ଫାଉଣ୍ଡେସନ ସ୍ଥାପନା କରି ସେ କାର୍ଯ୍ୟ କରୁଛନ୍ତି । ପୁତିନ ଆଲେକ୍ସିଙ୍କୁ ନାଟୋ ଗୋଷ୍ଠୀର ଏଜେଣ୍ଟ ଭାବେ ଦେଖୁଛନ୍ତି । ସେ ତାଙ୍କୁ ଗୁରୁତ୍ୱ ଦେଉ ନଥିଲେ ମଧ୍ୟ ଦେଶ ଭିତରେ ଲୋକେ ଯେ ପୁତିନଙ୍କ ଉପରେ ସନ୍ତୁଷ୍ଟ ନାହାନ୍ତି ଏହା ମଧ୍ୟ ସତ । କିନ୍ତୁ ରୁଷିଆ ନାମକୁ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏବେ ମଧ୍ୟ ସାଧାରଣ ଲୋକେ ସରକାର ବିରୋଧରେ ଖୋଲାଖୋଲି କିଛି କହିବାକୁ ଭୟ କରୁଛନ୍ତି । ତେଣୁ ସୋଭିଏତର ପ୍ରଭାବ ରୁଷିଆର ସମାଜରେ ଆଜି ମଧ୍ୟ ଯଥାବତ୍ ରହିଛି । ତେଣୁ ଗତ କିଛିଦିନ ତଳେ ପୁନଶ୍ଚ ସୋଭିଏତ୍ ସମୟର ସାମ୍ରାଜ୍ୟକୁ ରୁଷିଆ ଯିବା ଦରକାର ବୋଲି ପୁତିନ କହିଥିଲେ । କିନ୍ତୁ ସୋଭିଏତ୍‌ରୁ ଅଲଗା ହୋଇଥିବା ଅନେକ ରାଷ୍ଟ୍ର ଆଉ ଯେ ରୁଷିଆ ଗୋଷ୍ଠୀକୁ ଫେରିବେ ନାହିଁ ଏହା ନିଶ୍ଚିତ । ତେଣୁ ପଡୋଶୀ ରାଷ୍ଟ୍ରଗୁଡିକରେ ରୁଷିଆର ପ୍ରଭାବ ହ୍ରାସ ପାଇବା ନେଇ ପୁତିନ ଚିନ୍ତିତ ରହିଛନ୍ତି । ଏମିତି ଅନେକ ପ୍ରକାର ସମସ୍ୟା ନେଇ ଏବେ ରୁଷିଆର ରାଷ୍ଟ୍ରପତି ପୁତିନ ଦ୍ୱନ୍ଦ୍ୱରେ ପଡିଛନ୍ତି ।

*-ଭାରତୀୟ ସମ୍ବାଦ ସେବା (ଭାସ୍),*
*ଭୁବନେଶ୍ୱର-୭୫୧୦୦୩*

# ମହାତ୍ମା ଓ ମହାତାପସ







**ମହାତ୍ମାଙ୍କ ଶେଷ ଦିନ:**

୧୯୪୮ ଜାନୁଆରୀ ମାସ ୩୦ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ନାଥୁରାମ ବିନାୟକ ଗୋଡ଼ସେଙ୍କ ଗୁଳିର ଶିକାର ହୋଇଥିଲେ। ବାପୁଜୀଙ୍କ ମହାନ ଜୀବନର ଶେଷ ଦିନଟି କିପରି କଟିଥିଲା ସଂକ୍ଷେପରେ ଜାଣିବା ହେଉ। ସେ ଦିନଟି ମଧ୍ୟ ଥିଲା ଶୁକ୍ରବାର। ରହୁଥିଲେ ଦିଲ୍ଲୀସ୍ଥିତ ବିରଲା ଭବନର ତଳ ମହଲାରେ ଥିବା ଏକ ଅତିଥି ପ୍ରକୋଷ୍ଠରେ। ଭୋର ୩ ଘଣ୍ଟା ୩୦ ମିନିଟ୍‌ରେ ସେ ଶଯ୍ୟାତ୍ୟାଗ କରିଥିଲେ। ପଟା-ଖଟରୁ ଉଠି ସାଧାରଣ ଭାରତୀୟଙ୍କ ପରି ଦାନ୍ତକାଠିରେ ଦାନ୍ତ ଘଷିଥିଲେ। ତାହାପରେ ୩ ଘଣ୍ଟା ୪୫ ମିନିଟ୍‌ରେ ବାରଣ୍ଡାରେ ପ୍ରାର୍ଥନା କରିଥିଲେ। ପାଖରେ ଥିଲ ମନୁ, ଆଭା, ବ୍ରଜ କୃଷ୍ଣ ଆଦି। ମନୁ ପ୍ରଥମେ ଭଗବଦ୍‌ଗୀତାର ଏକ ଶ୍ଳୋକ ପାଠ କରିଥିଲେ। ତାହାପରେ ଏକ ଗୁଜରାତୀ ପ୍ରାର୍ଥନା। କେତେକ ଠିକ୍ ସମୟରେ ଶଯ୍ୟା ତ୍ୟାଗ କରୁ ନଥିବାରୁ ବାପୁ ସେଦିନ ସାମାନ୍ୟ ବିରକ୍ତ ହୋଇଥିଲେ। ଶୀତୁଆ ଅନ୍ଧକାର ମଧ୍ୟରେ ପ୍ରାର୍ଥନା ଶେଷକରି ପ୍ରକୋଷ୍ଠକୁ ଫେରିଥିଲେ। କଂଗ୍ରେସର ଏକ ନୂତନ ସଂବିଧାନ ଚିଠା ସଂଶୋଧନ ସାରି ୪ ଘଣ୍ଟା ୪୫ ମିନିଟ୍‌ରେ ଏକ ଗ୍ଲାସ ମହୁ, ଲେମ୍ବୁମିଶ୍ରିତ ଉଷ୍ମ ଜଳ ପାନ କରିଥିଲେ। ଏକ ଘଣ୍ଟା ପରେ ଏକ ଗ୍ଲାସ କମଳା ରସ। କ୍ଳାନ୍ତି ଯୋଗୁଁ ଅଧଘଣ୍ଟା ଶୋଇଥିଲେ। ଉଠିବା ପରେ ଚିଠିପତ୍ର ଫାଇଲ ଦେଖିଥିଲେ। ସାତଟା ବେଳେ ଆମେରିକା ଯିବାକୁ ଥିବା ରାଜେନ ନେହରୁଙ୍କୁ ସାକ୍ଷାତ ଦେଇଥିଲେ। ତାହାପରେ ଖବରକାଗଜ ପଢ଼ିଥିଲେ। ସ୍ନାନ ପରେ ମନୁ, ବାପୁଙ୍କର ଓଜନ ମାପିଥିଲେ। ୯ ଘଣ୍ଟା ୩୦ ମିନିଟ୍‌ରେ ଭୋଜନ କରି ପୁଣି କିଛି ସମୟ ଶୋଇଥିଲେ। ୨ଘଣ୍ଟା ୩୦ ମିନିଟ୍‌ରେ ଏକାଧିକ ବ୍ୟକ୍ତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନା ସରିବା ପୂର୍ବରୁ ପ୍ରାର୍ଥନା ସମୟ ଦଶ ମିନିଟରୁ ଅଧିକ ଗଡ଼ି ଯାଇଥିଲା। ବାପୁ ଜୀବନର ଅନ୍ତିମ ଯାତ୍ରା ଆରମ୍ଭ କରିଥିଲେ। ୫ ଘଣ୍ଟା ୧୭ ମିନିଟ୍‌ରେ ପ୍ରଣାମ କରିବା ବାହାନାରେ ପଥରୋଧ କରିଥିଲେ ଗୋଡ଼ସେ ଏବଂ ତିନିଥର ତାଙ୍କ ଛାତିକୁ ଅତି ନିକଟରୁ ଗୁଳି କରିଥିଲେ। ହେ ରାମ, କହି ଟଳିପଡ଼ିଥିଲେ ବାପୁ। କିଛି ଘଣ୍ଟା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା।

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ – କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ-ଆଉ ତା'ର କ'ଣ ଏହି ପ୍ରତିଦାନ ? ଏହା ଅତ୍ୟନ୍ତ ବେଦନାଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ-ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ.) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥା'ନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷାକରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ – ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରିପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥା'ନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥା'ନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ୍ୟ ଖୁବ୍ ଶକ୍ତ ଥିଲା। ରସୁଲ୍‌ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ, ତାହା ଆମେ ବରଦାସ୍ତ କରିପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହାହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ- ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତା'ର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ' ମତରେ ଭୁଲ, ବରଂ ସେଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକସ୍ୱରରେ ସମସ୍ତେ ଗାଇ ଉଠିବା–*''ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ।''*

**ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର**
*ସହ-ପ୍ରତିରଦ୍ଧିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ: ୯୪୩୭୦୫୧୯୫୭*




# ଅନନ୍ତ ସେବା ଫାଉଣ୍ଡେସନର ପ୍ରୋଜେକ୍ଟ ସମ୍ମାନ ୨.୦

ଭୁବନେଶ୍ୱର : ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଏବଂ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଗ୍ରାମାଞ୍ଚଳର ଗରିବଙ୍କ ପାଇଁ କାମ କରୁଥିବା କୋଲକାତା ଅନନ୍ତ ସେବା ଫାଉଣ୍ଡେସନ୍ ନିକଟରେ ଏହାର ପ୍ରୋଜେକ୍ଟ ସମ୍ମାନକୁ ପୁନଃ ପ୍ରଚଳନ କରିଛି, ଯେଉଁଥିରେ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ କାମ କରୁଥିବା 'ନଟ୍ ଫର ପ୍ରଫିଟ' ଡିଗ୍ନିଟିକୁ ପୁନର୍ବାର କ୍ରିୟାଶୀଳ କରାଯାଇଛି, ଯେଉଁ କାରଣରୁ ଏହା ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ସଂଗ୍ରାମ କରିବା ନିମନ୍ତେ ଆରାମ ପ୍ରଦାନ କରିପାରିଛି। ଦାରିଦ୍ର ସୀମାରେଖା ତଳେ ରହୁଥିବା ପରିବାରଙ୍କୁ ୧୦୦୦ ଶୀତଦିନିଆ କମ୍ବଳ ବଣ୍ଟନ କରି ପରିବାର ପେଲେନ୍, ଗୋସାବା, ଖୋଲାଗାଟା, ଅମରାବତୀ, ବଖଖାଲି, ପଞ୍ଚର ଏଭଳି କାର୍ଯ୍ୟକଳାପରୁ ଉପକୃତ ହୋଇଥିଲେ। ଘେରି, ଝାରଗ୍ରାମ, ମାଲେକାନ୍, ଗୋମତି, ଯୋଗେଶଗଞ୍ଜ-ସମସ୍ତ ସୁଦୂର ଏବଂ ବିକସିତ ଗ୍ରାମ। ନିର୍ଦ୍ଦେଶକ କୌଶିକ ସିହ୍ନା ଏହି ପଦକ୍ଷେପ ଉପରେ ମନ୍ତବ୍ୟ ଦେଇ କହିଛନ୍ତି ଯେ "୨୦୨୦-୨୧ ମସିହାରେ ଆମେ ପ୍ରାକୃତିକ ବିପର୍ଯ୍ୟୟରେ ସବୁକିଛି ହରାଇବା ଆମ୍ପାନ ସାଇକ୍ଲୋନର ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ପଦକ୍ଷେପ ନେଇଥିଲୁ। ଏହି ବର୍ଷ ଆମର ଧ୍ୟାନ ଥିଲା 'ୟାସ୍ ସାଇକ୍ଲୋନ'ର ପୀଡ଼ିତଙ୍କ ସହ ଜଡ଼ିତ ହେବା, ଯାହାକି ୨୪ ପ୍ରଗଣା ଏବଂ ପୂର୍ବ ମିଡନାପୁରର କିଛି ଅଂଶକୁ ପ୍ରଭାବିତ କରିଥିଲା। ଆମେ ସେମାନଙ୍କୁ ସାହାଯ୍ୟ କରି ଖୁସି ଏବଂ ପରାମର୍ଶ ଏବଂ ଔଷଧ ବିସ୍ତାର କରିବାକୁ ଶୀଘ୍ର ଏହି ଅଞ୍ଚଳରେ ଡାକ୍ତରୀ ଶିବିର ଆୟୋଜନ କରିବାକୁ ଯୋଜନା କରୁଛୁ।" ଗ୍ରାମାଞ୍ଚଳରେ ଗରିବ ଲୋକଙ୍କୁ ସମାନତା, ସମ୍ମାନ ଏବଂ ସଶକ୍ତିକରଣ ପ୍ରଦାନ କରିବାରେ ଅନନ୍ତ ସେବା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। କୋଭିଡ୍ ୱେଭ୍-୨ ଅବସରରେ ପ୍ରୋଜେକ୍ଟ ଯେପରିକି ମାଗଣା ମେଡ଼ିକାଲ ପରାମର୍ଶ, କୋଭିଡ୍ ପ୍ରଭାବିତ ପରିବାରକୁ ମାଗଣା ଭୋଜନ, କୋଭିଡ୍ ମୃତକଙ୍କ ପିଲାମାନଙ୍କ ପାଇଁ ପ୍ରାୟୋଜକ ଶିକ୍ଷା ଏବଂ କମ୍ୟୁନିଟି ଟୀକାରଣ ଅଭିଯାନ ଅନେକ ଶୁଭେଚ୍ଛା ଅର୍ଜନ କରିଥିଲା। ଶିକ୍ଷା କ୍ଷେତ୍ରରେ ଅନନ୍ତ ସେବାଙ୍କର ଫ୍ଲାଗସିପ୍ ପ୍ରୋଜେକ୍ଟ-ବିଦ୍ୟା ଛାତ୍ରବୃତ୍ତି ଅଧୀନରେ ଏହି ସଙ୍ଗଠନ ଦୁର୍ବଳ ଆୟ ପରିବାରର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରି ଦେଶର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାର ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଥିଲା।

# ପ୍ରାର୍ଥୀଙ୍କୁ ନିର୍ବାଚନ ଅଧିକାରୀ ସଚେତନ କରାଇଲେ

ଯୋଡା:(ପି.ଏନ):ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଯୋଡା ବ୍ଲକ ସଭାଗୃହ ଠାରେ ନିର୍ବାଚନ ଅଧିକାରୀ ତଥା ଯୋଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନଙ୍କ ସଭାପତିତ୍ୱରେ ପଂଚାୟତ ନିର୍ବାଚନ ସମୟରେ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଆଚରଣ ବିଧି ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସରପଂଚ ଓ ସମିତିସଭ୍ୟ ମାନଙ୍କୁ ନିର୍ବାଚନ ପରିପ୍ରେକ୍ଷୀରେ କିପରି ନିର୍ବାଚନ ଲଢିବେ ଏବଂ ନିର୍ବାଚନ କମିଶନଙ୍କ ନିୟମକୁ ମାନି ବିଦ୍ଧିବ୍ୟବସ୍ଥା ଅନୁଯାୟୀ ଲଢିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ପ୍ରାର୍ଥୀମାନଙ୍କୁ ସଚେତନ କରାଯାଇଥିଲା କି କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ମୌଖିକ ବା ଲିଖିତ ଭାବେ ଏପରି କୌଣସି ଭାଷା ବ୍ୟବହାର କରିବେ ନାହିଁ। ଯାହାକି ବିଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟ ମଧ୍ୟରେ ଅସୂୟା ଭାବ, ଶତ୍ରୁତା ବା ଘୃଣାଭାବ ସୃଷ୍ଟି କରିବ। ଏଥିସହ ପ୍ରାର୍ଥୀମାନେ କୌଣସି ହିଂସାତ୍ମକ କାର୍ଯ୍ୟକଳାପର ଆଶ୍ରୟ ନେବେ ନାହିଁ। ଧର୍ମାନୁଷ୍ଠାନ ସମେତ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ସଭାସମିତି ଇତ୍ୟାଦି ବାରଣ କରାଯାଇଛି। ପ୍ରଲୋଭନ ବା ଭୟଭୀତ କରାଯାଇ ଭୋଟର ମାନଙ୍କୁ ଭୋଟ ଦେବାର ବାଧା ସୃଷ୍ଟି କରାଯାଇ ପାରିବ ନାହିଁ। ରାଜନୈତିକ ଦଳର ପ୍ରଚାର ବା ନିର୍ବାଚନ ସଭା ଚାଲିଥିବା ସମୟରେ ବିରୋଧୀ ଗୋଷ୍ଠୀ କୌଣସି ବିଶୃଙ୍ଖଳା କରିପାରିବେ ନାହିଁ। ସର୍ବସାଧାରଣ ସ୍ଥାନରେ ନିର୍ବାଚନ ସଭା କରିବା ଓ ସର୍ବସାଧାରଣ ରାସ୍ତାରେ ଶୋଭାଯାତ୍ରା ନେବା ନିମନ୍ତେ ଉପଯୁକ୍ତ କ□ୃପକ୍ଷଙ୍କ ଠାରୁ ଆଗୁଆ ଅନୁମତି ନେବା ଆବଶ୍ୟକ। ଯେଉଁ ଅଂଚଳରେ କୌଣସି ପ୍ରକାର ନିଷେଧାଜ୍ଞା ବଳବ□ର ଥିବ ତାହା କଡାକଡି ପାଳନ କରିବାର ନିର୍ଦ୍ଦେଶ ରହିଛି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତାଂଶ, ହେଭି ଯନ୍ତାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ
ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି- ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି।
ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଝକ୍ତଙ୍କକ୍ଟ୍ଷ୍ଟ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,
ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗରର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହାରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷ୍ଟ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)
ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଝକ୍ଷ୍ଟ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ
ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷ୍ଟ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡ଼ିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## କେନ୍ଦୁଝରର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାଇଲେସିସ୍ କକ୍ଷରେ ଅଗ୍ନିକାଣ୍ଡ, ସବୁ ରୋଗୀ ସୁରକ୍ଷିତ

କେନ୍ଦୁଝର: (ଆ.ପ୍ର.):କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସିଟି ସ୍କାନ ଓ ଡାଇଲେସିସ୍ କେନ୍ଦ୍ରରେ କୌଣସି କାରଣରୁ ଏସିରୁ ସର୍ଟସର୍କିଟ ହୋଇ ରୁମରେ ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ ସେଠାରେ ଥିବା ସୁରକ୍ଷା କର୍ମୀ ଓ ମେଡିକାଲ ଷ୍ଟାଫ୍ ପହଞ୍ଚି ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟ□ କରିଥିଲେ। ସେହି ସମୟରେ କକ୍ଷ ଭିତରେ ୧୧ଜଣ ରୋଗୀ ଥିଲେ। ସଙ୍ଗେ ସଙ୍ଗେ ୬ଜଣ ଡାକ୍ତର ଓ ୨୦ରୁ ଉର୍ଦ୍ଧ୍ୱ ମେଡିକାଲ କର୍ମଚାରୀ ସେଠାରେ ପହଞ୍ଚି ରୋଗୀଙ୍କୁ ସୁରକ୍ଷିତ ବାହାର କରିଥିଲେ। ସେହି ସମୟରେ ଜଣେ ରୋଗୀ ବେହୋସ୍ ହୋଇ ପଡିଥିବା ଦେଖିବାକୁ ମିଳିଥିଲା।




## କାର୍ ଡ୍ରାଇଭରଙ୍କ ଆତ୍ମହତ୍ୟା

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ପାଖର ଗ୍ରାମରେ ରହୁଥିବା ଜଣେ ଗାଡି ଚାଳକ ବେକରେ ବେଡସିଟ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତକ ଡ୍ରାଇଭର ଜଣକ କେନ୍ଦ୍ରାପଡା ଜିଲ୍ଲା ଇନ୍ଦୁପୁର ଥାନା ନିକିରାଇ ଅଂଚଳର ସୁକଦେବ ଗୋଛାୟତଙ୍କ ପୁଅ ଦେବକୁମାର କୃଷ୍ଣଚନ୍ଦ୍ର (୩୦) ବୋଲି ଜଣାପଡିଛି । ସେ ଦୀର୍ଘ ବର୍ଷ ହେଲା ପାଖରସ୍ଥିତ ଜଣେ ଗାଡିମାଲିକଙ୍କ ଘରେ ରହି ଗାଡି ଚଲାଉଥିଲେ । ସବୁ ଦିନ ପରି ଗତକାଲି ରାତିରେ ସେ ଖାଇସାରି ଏକ ରୁମରେ ଶୋଇଥିଲେ । ହେଲେ ସକାଳୁ ଉଠିବା ତାଙ୍କର ବିଳମ୍ବ ହେବାରୁ ଲୋକେ ତାଙ୍କ କବାଟ ବାଡେଇଥିଲେ ହେଲେ କବାଟ ଭିତର ପଟୁ ଲକଥିବାରୁ କିଛି ଜଣାପଡି ନଥିଲା । ରୁମ ଭିତରେ ସେ ବେକରେ ଏକ ବେଡସିଟ ଲଗାଇ ଆଜବେଷ୍ଟରେ ଝୁଲିପଡିଥିବା ଲୋକେ ଝରକା ଫାଟରୁ ଦେଖିବାକୁ ପାଇଥିଲେ । ଏସମ୍ପର୍କରେ ପୋଲିସକୁ ଜଣାଇବା ସହିତ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ଖବର ପାଇ ମୃତ ଦେବକୁମାରଙ୍କ ଘରୁ ତାଙ୍କର ୨ ଭାଇ ଓ ଶ୍ୱଶୁର ଘଟଣା ସ୍ଥଳରେ ପହଁଚିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରୁମ କବାଟ ଭଙ୍ଗାଯାଇ ମୃତଦେହକୁ ଉଦ୍ଧାର କରାଯାଇଥିଲା ।

## ବରିଷ୍ଠ କିରାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା, (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟର ବରିଷ୍ଠ କିରାଣୀ ଅତୁଲ୍ୟ କୁମାର ରଥଙ୍କୁ ମହାବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କର୍ମଚାରୀ ସଂଘର ସଭାପତି ଜୟନ୍ତ କୁମାର ସାହୁ, ଅରବିନ୍ଦ ମହାନ୍ତି, ବ୍ରଜବଂଧୁ ଭଞ୍ଜ ପ୍ରମୁଖ ଯୋଗଦେଇ ଶ୍ରୀ ରଥଙ୍କ କାର୍ଯ୍ୟଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଶ୍ରୀ ରଥଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବୈଲୋଚନ ପଢିଆରୀ, ସୁରେଶ କୁମାର ଦାସ, ବସନ୍ତ କୁମାର ତ୍ରିପାଠୀ, ବିନୟ ସାମଲ, ଶରତ ରଣା, ବିରୁପାକ୍ଷ କର, ମନୋରଂଜନ ଜେନା, ବିଶ୍ୱମ୍ଭର ରାଉତ, ବିଦ୍ୟାଧର ପାଳ, ପଂଚାନନ ଦାସ, ପ୍ରାକ୍ତନ କର୍ମଚାରୀ ରସାନନ୍ଦ ଜେନା, ଅରୁଣ କୁମାର ଖିଲାର ପ୍ରମୁଖ ଯୋଗଦେଇଥିଲେ ।

## ଗାନ୍ଧୀଜୀଙ୍କ ସହିଦ ଦିବସରେ ଗାନ୍ଧୀ କଥା

କେନ୍ଦୁଝର:(ପି.ଏନ):ଓଡିଶା ଗାନ୍ଧୀ ବିଚାର ପରିଷଦ ଓ ସଂଯୋଗ ଅନୁଷ୍ଠାନର ମିଳିତ ସହଯୋଗରେ ଜିରାଙ୍ଗ ପଂଚାୟତର କୁଣ୍ଡଳପାଣି ପଡାଗ୍ରାମ ଝାଲକାଣୀ ଠାରେ ଗାନ୍ଧୀଜୀଙ୍କ ସହିଦ୍ ଦିବସ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ଗାନ୍ଧୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଧୂପ ପ୍ରଦାନ ପୂର୍ବକ ଗାନ୍ଧୀଜୀଙ୍କ ପ୍ରିୟ ଧୁନ୍ ରଘୁପତି ରାଘବ ରାଜାରାମ, ଗାନ କରାଯାଇଥିଲା । ବରିଷ୍ଠ ଗାନ୍ଧୀବାଦି କର୍ମୀ ତଥା ଓଡିଶା ଗାନ୍ଧୀ ବୀଚର ପରିଷଦର ଅଧକ୍ଷା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗାନ୍ଧୀଜୀଙ୍କ ସହିଦ ଦିବସ ପାଳନର ତାତ୍ପର୍ଯ୍ୟତା ସମ୍ପର୍କରେ ବୁଝାଇ କହିଥିଲେ ଯେ ନେତାଜୀ ସୁବାଷ ବୋଷ, ଯୁବ ସହିତ ଭଗତ ସିଂ,ବୀର ସୁରେନ୍ଦ୍ର ସାୟ, ଲଢୁଆ କିଶୋର ବାଜୀ ରାଉତ, ସାନ୍ତାଳୀ ନେତା ବାବା ତିଲକ, ବିର୍ଷା ମୁଣ୍ଡାଙ୍କ ବଳୀଦାନ ଏହି ସହିଦ ଦିବସରେ ସ୍ମରଣ କରିବାକୁ ଆମକୁ ପଡିବ । ଆହୁରି ମଧ୍ୟ କହିଥିଲେ ଯେ ଗାନ୍ଧୀଜୀଙ୍କ ସହିଦ୍‌ରେ ଜାତିସଂଘ ସମେତ ବିଶ୍ୱର ପ୍ରାୟ ସବୁ ଦେଶ ନିଜ ନିଜର ପତାକାକୁ ଅର୍ଦ୍ଧନିମିତ କରି ଗାନ୍ଧୀ ହତ୍ୟା ଘଟଣାର ଶୋକ ବ୍ୟକ୍ତ କରିଥିଲେ ।

# ଅବକାରୀ ଚଢ଼ାଉ, ୨ ବଙ୍ଗୀୟ ଯୁବକ ଗିରଫ

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଅବକାରୀ ମୋବାଇଲ ଟିମ୍ ଓ ସଦର, ବସ୍ତା ଅବକାରୀ ପକ୍ଷରୁ ପୃଥକ ପୃଥକ ସ୍ଥାନରେ ଆଜି ଚଢ଼ଉ କରାଯାଇ ମୋଟ ୨୫ କିଗ୍ରା ଓଜନର ଗଞ୍ଜେଇ ଜବତ କରିଛି । ଏହି ଗଞ୍ଜେଇ ଚାଲଣାକାରୀ ଦୁଇ ଜଣ ପଶ୍ଚିମବଙ୍ଗ ଯୁବକକୁ ଗିରଫ କରିଛି । ସୂଚନା ଥାଉକି, ବାଲେଶ୍ୱର ଅବକାରୀ ମୋବାଇଲ ଟିମ୍ ସହଦେବଖୁଣ୍ଟା ବସଷ୍ଟାଣ୍ଡ ନିକଟରୁ ଗଞ୍ଜେଇ ଚାଲାଣ ଖବର ପାଇ ଅତର୍କିତ ଭାବେ ଚଢ଼ଉ କରି ୧୫ କିଗ୍ରା ଗଞ୍ଜେଇ ଜବତ କରିବା ସହିତ ଜଣେ ଯୁବକକୁ ଗିରଫ କରିଛି ।ଗିରଫ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶିବାଦ ଜଲଙ୍ଗି ଗ୍ରାମ ଘୋଷପଡା ର ସୁରତ ମଲ୍ଲା (୨୨)। ଜବତ ଗଞ୍ଜେଇ ର ମୂଲ୍ୟ ୭୫ ହଜାର ଟଙ୍କା ହେବ । ଏ ବାବଦରେ ଅବକାରୀ ପକ୍ଷରୁ ୧୫୪/୨୧-୨୨ ମୂଳେ ମାମଲା ରୁଜୁ ହୋଇଛି । ତେବେ ସଦର ଓ ବସ୍ତା ଅବକାରୀ ବିଭାଗ ପକ୍ଷରୁ ବସ୍ତା ରେଳ ଷ୍ଟେସନ ନିକଟରେ ଚଢ଼ାଉ କରାଯାଇ ୧୦ କିଗ୍ରା ଗଞ୍ଜେଇ ଯବତ କରି ଜଣେ ଯୁବକକୁ ଗିରଫ କରିଛି । ଗିରଫ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜଲଙ୍ଗି ଗ୍ରାମର ଘୋଷପଡା ର ଜୁଲଫିକର ମଲ୍ଲା (୪୦)। ତେବେ ଜବତ ଗଞ୍ଜେଇର ମୂଲ୍ୟ ୫୦ ହଜାର ଟଙ୍କା ବୋଲି ବିଭାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏ ବାବଦରେ ୯୦/୨୧-୨୨ ମୂଳେ ମାମଲା ରୁଜୁ ହୋଇଛି । ଗିରଫ ଯୁବକ ମାନେ ଗଞ୍ଜେଇ ପଶ୍ଚିମବଙ୍ଗ ନେଇ ଯାଉଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରିଥିଲା ।

# ସାମ୍ବିଧାନିକ ଦାୟୀତ୍ୱ ନିର୍ବାହ କରିବାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିଫଳ

ଭୁବନେଶ୍ୱର , (ପ.ଏନ):ପଂଚମ ପାଳିର ସରକାର ଗଠନ ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଦର୍ଶନୀ ପଡ଼ିଆଠାରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଈଶ୍ୱରଙ୍କ ନାମରେ ଶପଥ ନେଇ ସମ୍ବିଧାନର ବିଧିବ୍ୟବସ୍ଥା ମତେ ବିନା ପକ୍ଷପାତିତାରେ ତାଙ୍କର ଦାୟୀତ୍ୱ ନିର୍ବାହ କରିବେ ବୋଲି ଶପଥପାଠ କରିଥିଲେ, କିନ୍ତୁ ଆଜି ନା ସେ ଈଶ୍ୱରଙ୍କର ସଂପତିର ସୁରକ୍ଷା କରିପାରୁଛନ୍ତି ନା ସଂମ୍ବିଧାନିକ ବିଧିବ୍ୟବସ୍ଥା ମତେ ସମସ୍ତଙ୍କୁ ନ୍ୟାୟ ଦେଇପାରୁଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ଟାର୍ଗେଟ କରିଛି କଂଗ୍ରେସ । ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ନିର୍ବାଚନ ମିଡିଆ ଇନଚାର୍ଜ ତଥା ମୁଖପାତ୍ର ମନୋଜ ମହାପାତ୍ର କହିଲେ ଯେ ଓଡ଼ିଶା ସରକାରଙ୍କର ରାଜସ୍ୱ ବିଭାଗର ପ୍ରମୁଖ ସଚିବ ତାଙ୍କ ପତ୍ରାଙ୍କ ସଂଖ୍ୟା ୨୮୦୯୯, ତାରିଖ ୨୩.୦୯.୨୦୨୦ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଲିଙ୍ଗରାଜ ମହାପ୍ରଭୁଙ୍କ ଜମି ଜଣେ ବେସରକାରୀ ବ୍ୟକ୍ତିଙ୍କର ନାମରେ ବେଆଇନ ଭାବେ ରେକର୍ଡଭୁକ୍ତ ହୋଇଥିବା ଓ ରେକର୍ଡର ସଂଶୋଧନ ସହ କ୍ରାଇମବ୍ରାଂଚଙ୍କ ଦୃଷ୍ଟି ଆକର୍ଷଣ କରି ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାପାଳ କ୍ରାଇମବ୍ରାଂଚ ପାଖରେ ଅଭିଯୋଗ କରିଛନ୍ତି କି ? ଯଦି କରି ନାହାଁନ୍ତି ତାହାଲେ କାହାର ସୁରକ୍ଷା ପାଇଁ ଓ କାହା ନିର୍ଦ୍ଦେଶରେ ? ଯଦି କ୍ରାଇବ୍ରାଂଚ ପାଖରେ ଅଭିଯୋଗ ହୋଇଛି ତାହାହେଲ ଫୌଜଦାରୀ ମୋକଦମା ରୁଜୁ କରି ଜମି ହଡ଼ପ କରିଥିବା ଓ ଷଡ଼ଯନ୍ତ୍ରକାରୀ ମାନଙ୍କୁ କ୍ରାଇମବ୍ରାଂଚ ଗିରଫ କରିଛକି ? ଯଦି କରି ନାହିଁ ତାହାହେଲେ ତାହାର କାରଣ କ'ଣ ଏ ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ପଷ୍ଟିକରଣ ଦେବାର ଆବଶ୍ୟକତା ରହିଛି ।

# ଚୋରମୁହାଁ ଯୁଥ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଜାରକା ଚମ୍ପିଅନ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ଯୁଥକ୍ଲବ ଅନୁକୁଲ୍ୟରେ ସ୍ଥାନୀୟ ମଜାର ପଡିଆରେ ଚାଲିଥିବା ହରେକୃଷ୍ଣ ରାଉତ ଓ ମଧୁସୁଦନ ରାଉତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ କେସିସି ସୁଙ୍ଗୁଡାକୁ ୧ ଉଇକେଟରେ ପରାସ୍ତ କରି ଇଲେଭେନ ଷ୍ଟାର ଜାରକା ଚଳିତ ବର୍ଷ ପାଇଁ ଚମ୍ପିଅନ ହୋଇଛି । ସୁଙ୍ଗୁଡା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୨ ରନ କରିଥିଲା । ଦଳ ପକ୍ଷରୁ ଚିକୁ ସାମଲ ୫୨ ରନ କରିଥିବା ବେଳେ ବିପକ୍ଷ ଦଳର ପବିତ୍ର ବେହେରା ୩ଟି ଉଇକେଟ ନେଇଥିଲେ । ଜବାବରେ ଜାରକା ଟିମ ବ୍ୟାଟିଂ କରି ୧୬୯.୫ ଓଭରରେ ୯ ଉଇକେଟ ହରାଇ ୨୦୩ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ହାପି ବିପିନ ରାଉତ ୬୩ ରନ କରିଥିବା ବେଳେ ବିପକ୍ଷ ଦଳର କାର୍ତିକ ରାଓ ୩ଟି ଉଇକେଟ ନେଇଥିଲେ । ଏହି ମ୍ୟାଚକୁ ଜଗନ୍ନାଥ ଦାସ ଓ ପ୍ରଦୀପ ଜେନା ପରିଚାଳନା କରିଥିଲେ । ଆୟୋଜକ କ୍ଲବର ସଭାପତି ପ୍ରଦ୍ୟୁମ୍ନ ମହାନ୍ତି ଅଧ୍ୟକ୍ଷତା ଆୟୋଜିତ ଉଦଯାପନୀ ଉତ୍ସବରେ ଯୁବ ସଙ୍ଗଠକ ସତ୍ୟରନ ନାୟକ ଓ ଶିକ୍ଷାବିତ ମହମ୍ମଦ ଅଜିଜୁଲା ଆତିତ୍ ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଟିମକୁ ଚମ୍ପିଅନ ଓ ରର୍ସଅପ ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ଚିକୁ ସାମଲଙ୍କୁ ମ୍ୟାନ ଅଫଦି ମ୍ୟାଚ ଓ ରୋସନ ରାୟଙ୍କୁ ମ୍ୟାନଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲେ । ସ୍ମୃତି ରନ ସାମଲ ଧନ୍ୟବାଦ ଦେଇଥିଲେ ।

# ମାମୁଁ ଭଣଜା ହାଟରୁ ଫେରିଲା ବେଳେ ଭଣଜା ମୃତ

ଢେଙ୍କିକୋଟ:(ପି.ଏନ):ପଣ୍ଡାପଡା ଥାନା ଅନ୍ତର୍ଗତ ପୁରୁମୁଣ୍ଡା ଗ୍ରାମର ତାପସ ରନ ମହାନ୍ତ(୨୧)ତାଙ୍କ ମାମୁଁଙ୍କ ସହିତ ଢେଙ୍କିକୋଟ ସାପ୍ତାହିକ ହାଟକୁ ବାଇକ୍ ଯୋଗେ ଆସିଥିଲେ । ହାଟ ସାରି ସନ୍ଧ୍ୟା ବେଳେ ଘରକୁ ଫେରିବା ବେଳେ ଗଣ୍ଡଶିଳା ନିକଟବର୍ତ୍ତି ଏକ ବୁଲାଣି ରାସ୍ତାରେ ତାପସ ପଛ ପାଖରେ ବସିଥିବା ବେଳେ ଖସି ପଡିଥିଲେ । ଯଦ୍ୱାରା ତାଙ୍କର ମୁଣ୍ଡର ପଛ ପାଖରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଥିଲା ତାହା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଭୁକ୍ତ ଥିବାରୁ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳକୁ ଯାଇ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ଶବ ବ୍ୟବଛେଦ ପାଇଁ ପଠାଇ ଥିଲେ । ଯୁବକର ମୃତ୍ୟୁ ଯୋଗୁଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଗ୍ରାମ ନ୍ୟାୟାଳୟର ନ୍ୟାୟଧିକାରୀ ଈଶା ପତିଙ୍କୁ ସମ୍ବର୍ଦ୍ଧିତ




ଆନନ୍ଦପୁର, (ପି.ଏନ):ଗ୍ରାମ ନ୍ୟାୟାଳୟର ନ୍ୟାୟାଧିକାରୀ ଈଶା ପତିଙ୍କୁ ଆନନ୍ଦପୁର ଓକିଲ ସଂଘ ତରଫରୁ ଓକିଲ ସଂଘ ସଭାଗୃହ ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଓକିଲ ସଂଘର ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ରନ କୁମାର ସୁତାର, ସବ୍‌ଜଜ୍ ମହେଶ୍ୱତା ପରିଜା, ଏସ୍‌ଡିଜେଏମ୍ ରଶ୍ମିରେଖା ପାତ୍ର, ଜେଏମ୍‌ଏଫ୍‌ସି ପ୍ରବୀଣ କୁମାର ହୋତା ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନ୍‌ଜୀବୀ ମହେନ୍ଦ୍ର କୁମାର ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, ରାମଚନ୍ଦ୍ର ପାତ୍ର, ବ୍ରଜବନ୍ଧୁ ସାହୁ, ମନୋଜ କୁମାର ମିଶ୍ର, ଅମର ମହାପାତ୍ର, ରବିନ୍ଦ୍ର କୁମାର ବେହେରା, ହେମରନ ବେହେରା, ପ୍ରତାପ କର, କିଶୋର କୁମାର ଚକ୍ର, ଜୟନ୍ତ କୁମାର ରାଜ, ଭାଗିରଥି ଦାଶ, ଉମେଶ ମହାନ୍ତି, ଓକିଲ ସଂଘ କର୍ମକର୍ତ୍ତାଙ୍କ ସମେତ ବହୁ ଆଇନ୍‌ଜୀବୀ ଉପସ୍ଥିତ ଥିଲେ । ଉପସଭାପତି ସଚିତ୍ରା ନନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

ଆନନ୍ଦପୁର, (ପି.ଏନ) :ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଆଲୋଷ୍ଟା) ଆନନ୍ଦପୁର ବ୍ଲକର ସାମ୍ବିଧାନିକ ସମ୍ମିଳନୀ ଖଡିପାଳ ଉଚ୍ଚ ପ୍ରାଥମିକ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା ସଭାପତି ଅଭୟ କୁମାର ଜେନା ସଂଘୀୟ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନଶିକ୍ଷକ ଦାମୋଦର ସାମଲଙ୍କ ସଭାପତିତ୍ୱରେ ଓଷ୍ଟାର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ହଜାରୀ, ଆଲୋଷ୍ଟା ରାଜ୍ୟ ସହସମ୍ପାଦକ ମାଧବାନନ୍ଦ ପଣ୍ଡା, ଜିଲ୍ଲା ସମ୍ପାଦକ ସୁରେଶ ସାହୁ, କାର୍ଯ୍ୟକାରୀ ସଭାପତି ସୁସାନ୍ତ କୁମାର ପତି, ଜିଲ୍ଲା ଯୁଗ୍ମ ସମ୍ପାଦକ ଅକ୍ଷୟ ବାରିକ, ହାଟଡିହି ବ୍ଲକ ସମ୍ପାଦକ ମିହିର ପଣ୍ଡା, ଆନନ୍ଦପୁର ଶିକ୍ଷା ଜିଲ୍ଲାର ପୂର୍ବତନ ସମ୍ପାଦକ ହରେକୃଷ୍ଣ ଆପଟ ପ୍ରମୁଖ ଯୋଗ ଦେଇ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ସଂଘର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ବନମାଳୀ ବ୍ରହ୍ମଚାରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଶିକ୍ଷକ ବିରଞ୍ଚି ନାରାୟଣ ରାଓ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ । ପ୍ରଧାନଶିକ୍ଷୟତ୍ରୀ ରିତାଳୀ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆନନ୍ଦପୁର ବ୍ଲକର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ନରେନ୍ଦ୍ର କୁମାର ବାରିକ ସଭାପତି, ସଂଘମିତ୍ରା ସିଂହ ଉପସଭାପତି, ଦାମୋଦର ସାମଲ ସମ୍ପାଦକ, ଶରତ କୁମାର ରାଉତ ଯୁଗ୍ମ ସମ୍ପାଦକ, ଅଚ୍ୟୁତାନନ୍ଦ ସାହୁ, ଅର୍ଜନା ପଣ୍ଡା ସହସମ୍ପାଦକ, ସନ୍ତୋଷ କୁମାର ସାହୁ କୋଷାଧ୍ୟକ୍ଷ, ଦିଲ୍ଲୀପ କୁମାର ନନ୍ଦ ଉପଦେଷ୍ଟା ବାବେ ନିର୍ବାଚିତ ହୋଇଛନ୍ତି

## ଗୁଳନଗର ପଞ୍ଚାୟତ : ଜଳ ନିଷ୍କାସନ ମୁଖ୍ୟ ସମସ୍ୟା

କେନ୍ଦ୍ରାପଡା,(ପି.ଏନ) : କେନ୍ଦ୍ରାପଡ଼ା ସହର ଉପକଣ୍ଠରେ ରହିଛି ଗୁଳନଗର ପଞ୍ଚାୟତ । ଏହି ପଞ୍ଚାୟତରେ ୧୨ଟି ୱାର୍ଡ ରହିଛି । ସେହିପରି ଏହି ପଞ୍ଚାୟତରେ ଗୁଳନଗର, ସୁଜାନଗର, ଖଇରାବାଦ, ରାମନଗରପାଟଣା, ଭ୍ରମରଦିଆପାଟଣା, ରାମଚନ୍ଦ୍ରପୁର ପ୍ରମୁଖ ରାଜସ୍ୱ ଗ୍ରାମ ରହିଛି । ଏହି ପଞ୍ଚାୟତର ସର୍ବାଧିକ ଭୋଟର ଗୁଳନଗର ଓ ସୁଜାନଗର ଗ୍ରାମରେ ବାସ କରନ୍ତି । ଏହି ଗ୍ରାମଦ୍ୱୟର ମୁଖ୍ୟ ସମସ୍ୟା ହେଉଛି ଜଳ ନିଷ୍କାସନ । ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ନାହିଁ । ଲୋକଙ୍କ ଘରର ଆବର୍ଜନା ପାଣି ରାସ୍ତା ଉପରେ ଲହଡି ମାରେ । ତେଣୁ ଲୋକମାନେ ଯିବା ଆସିବା କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ସେହିପରି ଏହି ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ପ୍ରଦାନ କରାଯାଇନାହିଁ । ଅନେକ ଯୋଗ୍ୟ ହିତାଧିକାରୀ ଜରି ଟାଣି ରହୁଛନ୍ତି ।

# ଜିଲ୍ଲାସ୍ତରୀୟ 'ଆନନ୍ଦପୁର କପ୍' ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ରାଜେଶ ଓ ଡୁଗୁ ଯୋଡି ଚମ୍ପିୟାନ



ଆନନ୍ଦପୁର: (ଆ.ପ୍ର.):ଆନନ୍ଦପୁର ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନନ୍ଦପୁର କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣମେଣ୍ଟ ୩୦ତାରିଖ ରହିବାର ଦିନ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହି ଫାଇନାଲ ମ୍ୟାଚ୍‌ରେ ଆନନ୍ଦପୁରର ରାଜେଶ ଓ ଡୁଗୁ ଯୋଡି ଚମ୍ପିୟାନ ହୋଇଛନ୍ତି । ଆନନ୍ଦପୁର ଦଳେଇ ସାହି ବ୍ୟାଡ୍‌ମିଣ୍ଟନ ପଡିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭଦ୍ରକ,ଯାଜପୁର,ସୁକିନ୍ଦା, ଆଗରପଡା, ଆନନ୍ଦପୁରର ମୋଟ୍ ୧୨ଗୋଟି ଦଳ ଭାଗ ନେଇଥିଲେ । ଫାଇନାଲରେ ଆନନ୍ଦପୁର ଓ ରାଜେଶ ଡୁଗୁ ଯୋଡି ଆଗରପଡାର ଚିନ୍ତନ ଓ ଶ୍ରୀତିସ୍ ଯୋଡିକୁ ୨-୧ସେଟ୍‌ରେ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ରେଫରି ଭାବେ ଚନ୍ଦନ ନାୟକ, ସୋମନାଥ ଧଡା, ରଜନୀକାନ୍ତ ସାମଲ ଦାୟୀତ୍ୱ ତୁଲାଇ ଥିଲେ । ଧାରାବିବରଣୀ ଟୁକୁନା ପୃଷ୍ଟି, ପ୍ରଦୀପ ସାହୁ, ରଜତ ସାହୁ ପ୍ରମୁଖ ପ୍ରଦାନ କରିଥିଲେ । ଅତିଥି ଭାବେ ସମାଜସେବୀ ଦେବପ୍ରିୟ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ବିଜେଡି ସଭାପତି ରାକେଶ ରାମ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ । କ୍ଲବର ସଭାପତି ନିରାକାର ଦଳେଇ, ସମ୍ପାଦକ ଦୁଲାଲ ଦାସ, ସଦସ୍ୟ ସଚିତ୍ରା ନନ୍ଦ ପଟ୍ଟନାୟକ, ଶ୍ୟାମସୁନ୍ଦର ଧଡା, ଅଭିଶେକ ଦାସ, ନିଲେସ ପତି, ଅମନ ଚାନ୍ଦ, ଚିକୁ ରଥ, ମୁନୁ ରାମ, ସୁମିତ ରାମ ପ୍ରମୁଖ ଖେଳରେ ସହଯୋଗ କରିଥିଲେ ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଭାଲୁଖାଇ ଠରେ ଏକ ନେହେରୁ ଯୁବ କେନ୍ଦ୍ର ଓ ପ୍ରକୃତି ପ୍ରତିଭା ଯୁବକ ସଂଘର ମିଳିତ ଆନୁକୁଲ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବକ ସଙ୍ଘର ସଭାପତି ପ୍ରତାପ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚହଟା ପଂଚାୟତର ନାଏକ ସରପଂଚ ସୁରେଶ ବେହେରା, ୱାର୍ଡ ମେମ୍ବର ରତ୍ନାକର ସାହୁ, ବ୍ଲକ ସଂଯୋଜକ ଅରୁଣାରାଣୀ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭାଗ୍ୟଶ୍ରୀ ବେହେରା, ଦ୍ୱିତୀୟ ସ୍ଥାନ ପୂର୍ଣ୍ଣମାସୀ ବେହେରା, ତୃତୀୟ ସ୍ଥାନରେ ଲିଜା ବେହେରାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଧୁସ୍ମିତା ସେଠୀ, ମନୋଜ କୁମାର ବେହେରା, ସଂଜୟ ବେହେରା, ରାଜକିଶୋର ସାହୁ, ରଂଜନ ସାହୁ, ଅମିତ ବେହେରା, ସୁଜିତ ଦାସ, ମାନସ ରଣା, ରିତେଶ ବେହେରା, ପ୍ରଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ନୂଆ ସୁଙ୍ଗୁଡ଼ାରେ ରଜସ୍ୱ ଗ୍ରାମ ମାନ୍ୟତା ପାଇଁ ଧାରଣା




ଚଣ୍ଡିଖୋଲ,(ପିଏନ୍):ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା ରାଜସ୍ୱ ଗ୍ରାମର ଏକ ପଡ଼ାଗ୍ରାମରେ ନୂଆସୁଙ୍ଗୁଡ଼ା ଗ୍ରାମ ରହିଅଛି। ଦୀର୍ଘ ବର୍ଷ ପୂର୍ବରୁ ନୂଆ ସୁଙ୍ଗୁଡ଼ା ଗ୍ରାମକୁ ଏକ ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ଜିଲ୍ଲାପାଳ, କେନ୍ଦ୍ରାଂଚଳ ରାଜସ୍ୱ କମିସନର ଓ ରାଜ୍ୟସରକାରଙ୍କ ନିକଟରେ ଦାବୀ ହୋଇ ଆସୁଥିଲା। ସରକାର ଏଥିପ୍ରତି ଦୃଷ୍ଟି ନେଦେଇ ଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାପାଇଁ ଗ୍ରାମବାସୀମାନେ ଏକଜୁଟ୍ ହୋଇ ନିଷ୍ପତ୍ତି ଗ୍ରହଣ କରିଥିଲେ। ଆଜିପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମ ପ୍ରତି ଦୃଷ୍ଟି ପଡ଼ି ନଥିବାରୁ ସେ ନେଇ ଗ୍ରାମବାସୀମାନେ ଦୀର୍ଘ ୫ଦିନ ପୂର୍ବରୁ ତାଙ୍କ ନିଜ ଗ୍ରାମଠାରେ ଧାରଣା ଦେଇ ବସିଛନ୍ତି। ସରକାରୀ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଧାରଣା ସ୍ଥଳରେ କୌଣସି ଅଧିକାରୀ ନ ପହଁଚିବାର ଦେଖା ଯାଉଛି। ଗ୍ରାମ୍ୟ କମିଟିର ସଭାପତି ପ୍ରଶନ୍ନ ମାହାଲା, ଆଇନଜୀବୀ ପ୍ରଦୀପ ନାୟକ, ବନମାଳୀ ସେନାପତି, ରମାକାନ୍ତ ପଣ୍ଡା, ଦୁଷ୍ମନ୍ତ ସ୍ୱାଇଁ, ମୁକ୍ତିକାନ୍ତ ନାୟକ, ଦେବେନ୍ଦ୍ର ନାୟକ ସମେତ ଗ୍ରାମର ଅନ୍ୟ ପୁରୁଖା ଲୋକମାନେ ଧାରଣାରେ ବସିଥିଲେ। ଉକ୍ତ ଧାରଣା ନିକଟରେ ନାରୀନେତ୍ରୀ ମନୋରମା ଆଚାର୍ଯ୍ୟ ପହଂଚି ଗ୍ରାମବାସୀଙ୍କ ସହିତ ରାଜସ୍ୱ ଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ। ଯଦି ସରକାର ଉକ୍ତ ନୂଆସୁଙ୍ଗୁଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାରେ ଅବହେଳା କରନ୍ତି ତେବେ ଧାରଣା ମଧ ଚାଲୁ ରହିବ ଓ ପଂଚାୟତ ନିର୍ବାଚନରେ ଭୋଟ ବର୍ଜନ କରାଯିବ।

## ୨୩ ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ୨୩ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଅବିନାଶ ପ୍ରଧାନ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇ ଛନ୍ତି । ସେ ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ଗ୍ରାମରେ ।ଭୋଳାନାଥ ବିଦ୍ୟାପୀଠ କୋକୋସିଂହରୁ ଦଶମ ଶ୍ରେଣୀ ୨୦୧୦ ମସିହାରେ ଉତୀର୍ଣ୍ଣ ହୋଇ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଦ୍ୱାଦଶ ଓ ୨୦୧୫ରେ ପ୍ରାଣନାଥ ମହାବିଦ୍ୟାଳୟରୁ ସ୍ନାତକ ଓ ୨୦୧୭ରେ ଉତ୍କଳ ମହାବିଦ୍ୟାଳୟରୁ ଏମଏ ପାସ କରିଥିଲେ ।ପାଠ ପଢୁଥିବା ସମୟରେ ୨୦୧୫ରେ ପ୍ରାଣ ମହାବିଦ୍ୟାଳୟରେ ସମ୍ପାଦକ ଭାବରେ ଛାତ୍ର ସଂସଦ ନିର୍ବାଚନରେ ବିଜୟ ଲାଭ କରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ପ୍ରଶାସନିକ ଓ କଲେଜ କର୍ତ୍ତୁପକ୍ଷଙ୍କ ନିକଟରେ ଉପସ୍ଥାପନ କରିଥିଲେ ।ପରେ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସମେତ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ଭିତି କରି ସାଧାରଣ ସମ୍ପାଦକ ଭାବରେ ପ୍ରତିଦ୍ୱନ୍ଦିତା କରିଥିଲେ ।

# କଂଗ୍ରେସର ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସଂକଳ୍ପ ସମାବେଶ




ଖୋର୍ଦ୍ଧା, (ପିଏନ): ଚଳିତ ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷିରେ ଖୋର୍ଦ୍ଧା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନରଣଗଡସ୍ଥିତ ମା ଭଗବତୀ ପୀଠ ପରିସରରେ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ବ୍ଲକ କମିଟିର ସଭାପତି ବିଶ୍ୱ ଭୂଷଣ ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସଭାପତି ପଦ୍ମ ଚରଣ ରାୟ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନିତି ମୂଳକ କାର୍ଯ୍ୟକ୍ରମ ,ଅହେତୁକ ଦରଦାମ ବୃଦ୍ଧି,ଚାଷୀ ମାରଣ ନୀତି ,ବେରୋଜଗାର ଓ ନାରୀ ନିର୍ଯ୍ୟାତନା ସମେତ ବହୁ ସମସ୍ୟା ଉପସ୍ଥାପନ କରିବା ସହ ଚଳିତ ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନରେ ଜନସାଧାରଣ କିପରି ଭୋଟ ଦେବେ ସେଥିପାଇଁ ନିବେଦନ କରିଥିଲେ । ଚଳିତ ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ୩ ନମ୍ବର ଜୋନରେ ଲକ୍ଷ୍ମୀପ୍ରିୟା ଖୁଂଟିଆଙ୍କୁ ଭୋଟ ଦେବା ପାଇଁ ମୁଦ୍ରିତ ଗଣମାଧ୍ୟମ ଦ୍ୱାରା ଜନସାଧାରଣଙ୍କୁ ଜଣାଇଛନ୍ତି ।ଏହି ସଂକଳ୍ପ ସମାବେଶରେ ଉପସ୍ଥିତ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ବିଜୟ ଲାଭ କରିବା ପାଇଁ ସଂକଳ୍ପ ନେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୩ ନମ୍ବର ଜୋନର କଂଗ୍ରେସର ସଭାପତି କିଶୋର ବରାଳ,ବାଖର ଦଳବେହେରା, ଦେବରାଜ ପାଲଟାସିଂହ,ନିହାର ପ୍ରଧାନ, ନଗେନ ବରିସଲ, କୃଷ୍ଣ ଚନ୍ଦ୍ର ପଣ୍ଡା,ଗୁରୁ ପଟ୍ଟନାୟକ,ଗୋବିନ୍ଦ ଜେନା, ବିଭୂତି ଭୂଷଣ ହରି ଚନ୍ଦନ ଓ ଗୋବିନ୍ଦ ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଚଣ୍ଡିଖୋଲ ଅଦାଲତ ସମ୍ମୁଖରେ ହାଣ୍ଡିଆ ହାଟ : ପ୍ରଶାସନ ନୀରବ

ଚଣ୍ଡିଖୋଲ, (ପିଏନ୍): ଚଣ୍ଡିଖୋଲର ୧୬ନଂ ଓ ୫୩ ନଂ ଜାତୀୟ ରାଜପଥ ଏକ କେନ୍ଦ୍ର ସ୍ଥଳ। ତାହା ମଧ ଏକ ମୁଖଶାଳା ରୂପେ ପରିଚିତ। ପାଖରେ ରହିଛି ଚଣ୍ଡିଖୋଲ ଅଦାଲତ । ଉକ୍ତ ଅଦାଲତ ସମ୍ମୁଖରେ ୫୩ ନଂ ଜାତୀୟ ରାଜପଥ କଡ଼ରେ ପ୍ରତ୍ୟେକ ଦିନ ହାଣ୍ଡିଆ ହାଟ ବସୁଥିବାର ଦେଖାଯାଏ। ଚଣ୍ଡିଖୋଲ ଛକ ଠାରୁ ଛାତ୍ରଛାତ୍ରୀମାନେ ବାବା ଭୈରବାନନ୍ଦ ମହାବିଦ୍ୟାଳୟକୁ ଯାତାୟାତ କରିଥାନ୍ତି। କୋର୍ଟ ମଧ୍ୟକୁ ଜଜ୍, ଓକିଲ, ମହକିଲ, ସାଧାରଣ ଲୋକ ଓ ପାଖରେ ଥିବା ଗ୍ରାମଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ, ଟ୍ରାଫିକ୍ ଥାନାକୁ ମଧ ଲୋକମାନେ ଯାତାୟାତ କରିଥାନ୍ତି। ଦେଖିବାକୁ ମିଳୁଛି କୋର୍ଟ ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ହାଣ୍ଡିଆ ଦୈନିକ ସକାଳ ୮ଟାରୁ ରାତ୍ର ୭ଘଟିକା ପର୍ଯ୍ୟନ୍ତ ବିକ୍ରି କରାଯିବା ସାଧାରଣରେ ଅଭିଯୋଗ ହେଉଅଛି। ରାତିରେ ମଧ ଏଠାରେ ଅସାମାଜିକ କାର୍ଯ୍ୟ ହେବାର ଦେଖାଯାଉଛି। ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଦୃଷ୍ଟିରୁ କେତେକ ସଂଖ୍ୟାରେ ଲୋକମାନେ ସେଠାରୁ ହାଣ୍ଡିଆ ପାନ କରି ରାସ୍ତାରେ ପଡୁଥିବାର ମଧ ଦେଖାଯାଉଛି। ଏ ସମ୍ପର୍କରେ ପୋଲିସ୍ ଅଧିକାରୀ ଓ ଅବକାରୀ ବିଭାଗର ଅଧିକାରୀମାନେ ଆଦୌ ଦୃଷ୍ଟି ଦେବାରେ ଦେଖାଯାଉନାହିଁ। ପ୍ରକାଶ ଥାଉକି ହାଣ୍ଡିଆକୁ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଦୈନିକ ପାନ କରିଥାନ୍ତି। ଏଠାରେ ବ୍ୟବସାୟ ବୃଦ୍ଧି କରିବା ପାଇଁ କୋର୍ଟ ସମ୍ମୁଖରେ ବିକ୍ରି ହେବା ଦ୍ୱାରା ସାଧାରଣ ଲୋକମାନେ ଏହାର ତୀବ୍ର ନିନ୍ଦା କରିଛନ୍ତି। ଏଭଳି ବେନିୟମ ହାଣ୍ଡିଆ ହାଟ ବେପାରକୁ ତୁରନ୍ତ ବନ୍ଦ କରିବା ପାଇଁ ଏ ଅଂଚଳର ବୁଦ୍ଧିଜୀବୀ, ସମାଜସେବୀ ମାନେ ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସରକାରୀ ପତିତ ଜମିରୁ ବେଆଇ ଭାବେ ମାଟି ଉଠାଣ : ପ୍ରଶାସନ ନୀରବ

ଚଣ୍ଡିଖୋଲ , (ପିଏନ୍) : ଦର୍ପଣ ତହସିଲ ଅନ୍ତର୍ଗତ ଶାସନ ପୁରୁଷୋତ୍ତମପୁର ମୌଜାର ଖାତା ନଂ ୪୮୧ ପ୍ଲଟ ନଂ -୨୫୮ ହେଉଛି ସରକାରୀ ପତିତ ଜମି। ଉକ୍ତ ପତିତ ଜମିରୁ ଜୈନିକ ଠିକାଦାର ଦୀର୍ଘ ଦିନ ହେବ ଜେସିବି ମେସିନ୍ ଲଗାଇ ମାଟି ଖନନ କରି ରେଳ ଲାଇନ କଡ଼ରେ ପକାଇବାର ସାଧାରଣରେ ଅଭିଯୋଗ ହେଉଅଛି। ପ୍ରକାଶ ଥାଉକି ସରକାରୀ ପତିତ ଜମିକୁ ବହୁ ଖାଲ କରି ମାଟି ଉଠାଉ ଥିବାରୁ ଏହା ସାଧାରଣ ଲୋକମାନଙ୍କର କ୍ଷତି ଘଟିବ । ଏ ସମ୍ପର୍କରେ ଦର୍ପଣ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ପଡୁନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି।

# କମାଗୁରୁ ଗ୍ରାମପଂଚାୟତର ଦୁର୍ନୀତି ସମ୍ପର୍କରେ ବିଜେପିର ଅଭିଯୋଗ

ଖୋର୍ଦ୍ଧା, (ପି.ଏନ): ମଳିପଡ଼ାସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ କମାଗୁରୁ ଗ୍ରାମପଂଚାୟତକୁ ଆସିଥିବା ପ୍ରାୟ ୭୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସରକାରୀ ଅନୁଦାନର ଦୁର୍ନୀତି ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ଶ୍ରୀରଂଜନ ମଙ୍ଗରାଜଙ୍କ ଉପସ୍ଥିତିରେ ବଡ଼ପୋଖରୀଆ ମଣ୍ଡଳର ଭାରତୀୟ ଜନତା ପାର୍ଟିର ସଭାପତି ବିପିନ କୁମାର ପାଲଟାସିଂହ, ବଡ଼ପୋଖରୀଆ ମଣ୍ଡଳର ଯୁବ ମୋର୍ଚ୍ଚାର ସଭାପତି ଗଙ୍ଗାଧର ଚମ୍ପତି ଏହାର ଖୁଲାସା କରିଥିଲେ। ସୂଚନା ଅଧିକାର ଆଇନ ଅନୁଯାୟୀ ସେ ସମସ୍ତ ତଥ୍ୟର ଉପସ୍ଥାପନ କରିଥିଲେ। କମାଗୁରୁ ଗ୍ରାମପଂଚାୟତରେ ଏକ କଲ୍ୟାଣ ମଣ୍ଡପ କମାଗୁରୁ ମହୁଲଶୁଣି ପୀଠରେ ୨୦୧୬-୧୭ ମସିହାରେ ୨୦ ଲକ୍ଷ ଟଙ୍କା ଅନୁଦାନକୁ ଖର୍ଚ୍ଚ କରାଯାଇ କଲ୍ୟାଣ ମଣ୍ଡପ ତିଆରି କରାଗଲା କିନ୍ତୁ ୨୦୧୫-୧୬ ମସିହାରେ ଜିଲ୍ଲା ପଂଚାୟତ ଅଧିକାରୀଙ୍କ ମାଧ୍ୟମରେ ୧୦ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ୨୦୧୫-୧୬ ମସିହାରେ କମାଗୁରୁ ଗ୍ରାମପଂଚାୟତରେ ଆଲୋକୀ କରଣ ନିମିତ ୧ଲକ୍ଷ ୭୧ ହଜାର ୪୦୦ ଟଙ୍କା ଖର୍ଚ୍ଚ କରାଯାଇ ଲାଇଟ ଖୁଂଟରେ ଲାଇଟ୍ ଲଗାଗଲା। ୧୧ଟି ୱାର୍ଡ଼ରେ ମୋଟ ୮୦ଟି ଲାଇଟ୍ ଲାଗିଛି। ଯାହା ଗୋଟିଏର ଦାମ ୨୦୦୦ ଟଙ୍କା ହେଲେ ମୋଟ ୧ଲକ୍ଷ ୬୦ ହଜାର ଖର୍ଚ୍ଚ ହୋଇଛି। ଲାଇଟ୍ କିଣାଗଲା ୧ଲକ୍ଷ ୭୧ହଜାର ୪୦୦ଟଙ୍କା କିନ୍ତୁ ସଜାଡ଼ିବାରେ ଖର୍ଚ୍ଚ ହୋଇଛି ୩ଲକ୍ଷ ଟଙ୍କା। ୨୦୧୮-୧୯ ମସିହାରେ କମାଗୁରୁ ଉଚ୍ଚ ବିଦ୍ୟାଳୟ ପରିସର-୧ରେ ୯ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଠିକ୍ ସେହିପରି ଭାବରେ ୨୦୧୮-୧୯ ମସିହାରେ କମାଗୁରୁ ଉଚ୍ଚ ବିଦ୍ୟାଳୟ ପରିସର-୨ରେ ୯ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଜଳ ବିଭାଜିକା ମିଶନ ଦ୍ୱାରା ୨୫ ଏକର କାଜୁ ଚାରା ଲାଗିବା ପାଇଁ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ବିଦ୍ୟାଳୟ ନାମରେ ୧୬ ଏକର ଜମି ରହିଥିବା ବେଳେ ବିଦ୍ୟାଳୟ ଦଖଲରେ ସରକାରୀ ଜାଗା ୪ ଏକର ରହିଛି। ମୋଟ ୧୬ ଏକର ଜାଗାରେ ବିଦ୍ୟାଳୟ ଘର, ଖେଳପଡ଼ିଆ, ବିଦ୍ୟାଳୟର ଆକାଶି ଜଙ୍ଗଲ ମିଶି ୮ ଏକର ଆନୁମାନିକ ହେବ। ଯଦି ବିଦ୍ୟାଳୟର ଅବଶିଷ୍ଟ ୮ଏକର କାଜୁ ଜଙ୍ଗଲ ହେଲା ଆଉ ୧୭ ଏକର ଜାଗାର କାଜୁ କେଉଁଠାରେ ଲଗାଯାଇଛି ବୋଲି ଶ୍ରୀ ପାଲଟାସିଂହ କହିଥିଲେ। ଏହି ବାବଦକୁ ୯ଲକ୍ଷ ଟଙ୍କା କାଜୁ ଜଙ୍ଗଲ ମଧ୍ୟରେ ରାଶି ପାଇଁ ୫୯ ହଜାର ଟଙ୍କାର ମିଥ୍ୟା ବିଲ୍ କରାଯାଇ ଅର୍ଥ ହଡ଼ପ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ସେହିପରି ଭାବରେ କମାଗୁରୁ, ପୋଡ଼ାବୋଧି ହୁଡ଼ାରେ ୫୦ଟି ନଡ଼ିଆ ଚାରା ଲଗାଇ ମୋଟ ୮ଲକ୍ଷ ୫୮ ହଜାର ଟଙ୍କା ହଡ଼ପ କରାଯାଇଛି। କମାଗୁରୁ ଗ୍ରାମପଂଚାୟତ ଜଗନ୍ନାଥପୁର କାଜୁ ଜଙ୍ଗଲ ପାଇଁ ୨୦୧୮-୧୯ ମସିହାରେ ୨୫ ଏକର କାଜୁ ଲାଗିବା ପାଇଁ ୧୮ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ମାତ୍ର ୫ ଏକର ଜାଗାରେ କାଜୁ ଗଛ ପୋତି ୧୮ ଲକ୍ଷ ଟଙ୍କାର ବିଲ୍ କରାଯାଇଛି। ଜଗନ୍ନାଥପୁର ପୋଖରୀ ହୁଡ଼ାରେ ନଡ଼ିଆ ଚାରା ଲଗାଇବା ପାଇଁ ୨୦୧୮-୧୯ରେ ୧ ଲକ୍ଷ ୯୮ ହଜାର ଟଙ୍କା ଅନୁଦାନ ମିଳିଥିଲା। ସେହି ହୁଡ଼ାରେ ୯୫୫ଟି ଗଛ ଲାଗିବା କଥା ମାତ୍ର ୨୫ଟି ନଡ଼ିଆ ଚାରା ଲଗାଯାଇ ଅନୁଦାନ ଠାରୁ ଅଧିକ ବିଲ ୮ ଲକ୍ଷ ୬୫ ହଜାର ହୋଇଛି। କମାଗୁରୁ ଗ୍ରାମପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ଗାଚରଣ ରଣସିଂହ ଓ ରାଧା ବେଓ୍ୱାଙ୍କ ନାମରେ ଆସିଥିବା ଅର୍ଥକୁ ହଡ଼ପ କରାଯାଇଛି। ସେହିପରି ଭାବରେ ୨୦୧୧-୧୨ ମସିହାରେ ପ୍ରଭାକର ମହାରଥୀ ଆବାସ ଯୋଜନାରେ ପାଇଥିଲେ ମଧ ପୁନର୍ବାର ୨୦୧୬-୧୭ ମସିହାରେ ଆଉ ଗୋଟିଏ ହାତେଇଥିଲେ। କମାଗୁରୁ ଗ୍ରାମପଂଚାୟତରେ ବାଙ୍କ ନିଧି ମହାଦେବଙ୍କ ମନ୍ଦିର ପରିସରରେ ଏକ ଧାନଘର ୧୦ /୨୦ ଫୁଟ୍‌ର ଆଜବେଷ୍ଟସ୍ ଘର ଥିଲା। ୨୦୧୫ ମସିହାରେ ଏକ ଘୂର୍ଣ୍ଣି ଝଡ଼ରେ ଆଜେବେଷ୍ଟସ୍ ଉଡ଼ାଇ ଦେଇଥିଲେ। ଏହି ୨୦୦ ଫୁଟର ଘର ଛାତ ନିମିତ ବିଧାୟକ ପାଣ୍ଠିରୁ ଏକ ଲକ୍ଷ ଟଙ୍କା ଅନୁଦାନ ଆଣି ଛାତ ପକାଯାଇଥିଲା। କିନ୍ତୁ ସମିତି ଅଂଶରୁ ଉକ୍ତ ଘର ନିମନ୍ତେ ୩ଲକ୍ଷ ୭୩ ହଜାର ଟଙ୍କା ଉଠାଯାଇ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରାଯାଇଛି।

## ଦୁଇଦିନିଆ ସାମ୍ବିଧାନିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ସାମ୍ବିଧାନିକ ଅଧିକାରକୁ ଲୋକଙ୍କ ପାଖରେ ପହଂଚାଇବା ଉଦ୍ଦେଶ୍ୟରେ ଅଧିକ ସଚେତନତାର ଆବଶ୍ୟକତା ରହିଛି । ପ୍ରତ୍ୟେକ ଜନସାଧାରଣଙ୍କୁ ସାମ୍ବିଧାନିକ ଅଧିକାର ଦେବା ଲାଗି ସମାଜର ସବୁ ବର୍ଗ ଲୋକେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି । vaan muhuli, ତାମିଲନାଡୁ ଏବଂ ଆଇ.ଏଚ୍.ଆର୍.ଇ, ଓଡିଶା ଆନୁକୂଲ୍ୟରେ ଆଜି ଭୁବନେଶ୍ୱରର ଖାରବେଳନଗରସ୍ଥିତ ଉତ୍କଳ ସାମ୍ବାଦିକ ଭବନଠାରେ ଓଡିଶାର ବିଭିନ୍ନ ଜିଲ୍ଲାର କମ୍ୟୁନିଟି ବ୍ଲକ ଶିକ୍ଷକ/ ଶିକ୍ଷୟତ୍ରୀମାନଙ୍କୁ ନେଇ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଶିଷ୍ଟ ମାନବାଧିକାର କର୍ମୀ ତଥା ମାନବାଧିକାର ଶିକ୍ଷାର ବରିଷ୍ଠ ପ୍ରଶିକ୍ଷକ ଶ୍ରୀ ପ୍ରଦୀପ୍ତ ନାୟକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ସମଗ୍ର ଓଡିଶାରୁ ଯୋଗ ଦେଇଥିବା ପ୍ରାୟ ୫୦ଜଣ କମ୍ୟୁନିଟି ବ୍ଲକ ଶିକ୍ଷକ/ ଶିକ୍ଷୟତ୍ରୀମାନଙ୍କୁ ସାମ୍ବିଧାନିକ ଅଧିକାର କ'ଣ ଓ ଏହାର ଉଲ୍ଲଘଂନ କଲେ କ'ଣ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଶ୍ରୀ ନାୟକ ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଏହି ପ୍ରଶିକ୍ଷଣ ଶିବିରରେ ତାମିଲନାଡୁର ବରିଷ୍ଠ ମାନବାଧିକାର ପ୍ରଶିକ୍ଷକ ପି. ରାଜନ୍ ଏବଂ ଓଡିଶାର ପ୍ରଶିକ୍ଷକ ଏ.ଏସ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray